ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୧୫ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 15 SEPTEMBER 2023
Vol.No. 35 ■ No. 244■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ସରିଲା ଇଣ୍ଡିଆ ମେଂଟ ସମନ୍ୱୟ କମିଟି ବୈଠକ



ନୂଆଦିଲ୍ଲୀ,୧୪/୦୯ : ବୁଧବାର ଦିଲ୍ଲୀରେ ବସିଥିଲା ଇଣ୍ଡିଆ ମେଂଟ ସମନ୍ୱୟ କମିଟି ବୈଠକ । ୨୬ଦଳଙ୍କୁ ନେଇ ଗଠିତ ମେଂଟ ବୈଠକରେ ଆଗାମୀ ଲୋକସଭା ନିର୍ବାଚନକୁ ନେଇ ରଣନୀତି ପ୍ରସ୍ତୁତ ହୋଇଥିବା କୁହାଯାଉଛି । ବିଶେଷ କରି ବେକାରୀ ସମସ୍ୟା, ଦରଦାମ ବୃଦ୍ଧି, ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରି ସରକାରଙ୍କୁ ଘେରିବାକୁ ଲକ୍ଷ୍ୟ ରଖିଛି ମେଂଟ । ଏହି କ୍ରମରେ ଭୋପାଳରେ ହେବାକୁ ଯାଉଛି ପ୍ରଥମ ବିଶାଳ ରାଲି । ତେବେ ଯାହା ଉପରେ ସମସ୍ତଙ୍କ ନଜର ରହିଛି ସେ ହେଉଛି ମେଂଟ ଭିତରେ ଆସନ ଭାଗବଂଟା । ସମନ୍ୱୟ କମିଟି ବୈଠକରେ ଏନେଇ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇନି ଓ ଆଗାମୀ ବୈଠକରେ ନିଆଯିବ ବୋଲି ମେଂଟ ସଦସ୍ୟ କହିଛନ୍ତି। ଚର୍ଚ୍ଚା ହେଉଛି ବିରୋଧୀ ମେଂଟ ସଦସ୍ୟ ଯେଉଁ ସବୁ ଆସନ ପୂର୍ବରୁ ଅକ୍ତିଆର କରିଛନ୍ତି ସେଠାରେ କୌଣସି ବୁଝାମଣା ହେବନି । ଏଠାରେ ସେମାନେ ନିଜ ନିଜର ପ୍ରାର୍ଥୀ ଦେବେ । ବିଜେପି ଯେଉଁ ଆସନ ଦଖଲ କରିଛି ସେଠାରେ ପ୍ରାର୍ଥୀ ଦେବାକୁ ବୁଝାମଣା ହୋଇପାରେ । ଏନେଇ ନ୍ୟାଶନାଲ କନଫେରେନ୍ସ ନେତା ଉମର ଅବଦୁଲା ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ ମେଂଟର ପ୍ରଥମ ସମନ୍ୱୟ କମିଟି ବୈଠକରେ ଜାତିଭିତିକ ଜନଗଣନା ଠୁ ନେଇ ଆସନ ବୁଝାମଣା ପର୍ଯ୍ୟନ୍ତ ଆଲୋଚନା କରାଯାଇଛି । ଏଥିସହ ଗଣମାଧମର ଭୂମିକା ସମ୍ପର୍କରେ ମଧ ଚର୍ଚ୍ଚା ହୋଇଛି । ଏକପାଖିଆ ଖବର ପ୍ରସାରଣକୁ ବିରୋଧ କରିଛି ମେଂଟ । କିଛି ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲର ଆଙ୍କର ମାନଙ୍କ ଶୋ'କୁ ବୟକଟ କରିବାକୁ ମଧ ବୈଠକରେ ନିଷ୍ପତି ନେଇଛି ଇଣ୍ଡିଆ ମେଂଟର ମିଡିଆ ସବ କମିଟି । ଏହି ତାଲିକାରେ ମୁକେଶ ଅମ୍ବାନୀଙ୍କ ନ୍ୟୁଜ ଚ୍ୟାନେଲ ନ୍ୟୁଜ ୧୮ର ସର୍ବାଧିକ ଆଙ୍କର ରହିଛନ୍ତି। ସେହିପରି ରିପବ୍ଲିକ ନେଟୱର୍କର ମୁଖ୍ୟ ଅର୍ଣ୍ଣବ ଗୋସ୍ୱାମୀ ଓ ଆଜତକର ସୁଧୀର ଚୌଧୁରୀଙ୍କ ନାଁ ମଧ ରହିଛି। କଂଗ୍ରେସର ବରିଷ୍ଠ ନେତା ପବନ ଖେରା ଉକ୍ତ ତାଲିକା ଜାରି କରି ଇଣ୍ଡିଆର ମିଡିଆ କମିଟି ୧୪ ଜଣ ଆଙ୍କରଙ୍କ ତାଲିକା ପ୍ରସ୍ତୁତ କରିଥିବା ସୂଚନା ଦେଇଛନ୍ତି। ଆଉ ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଇଣ୍ଡିଆ ମେଣ୍ଟ ଟାଇମ୍ସ ନାଓଁ, ରିପବ୍ଲିକ ଭାରତ, ସୁଦର୍ଶନ ନ୍ୟୁଜ ଓ ଦୂରଦର୍ଶନ ଭଳି ୪ଟି ଚ୍ୟାନେଲକୁ ବୟକଟ କରିବାକୁ ନିଷ୍ପତ୍ତି ନେଇଛି। ହେଲେ ଏ ସମ୍ପର୍କରେ ଇଣ୍ଡିଆ ମେଣ୍ଟର କୌଣସି ନେତା ପ୍ରତିକ୍ରିୟା ଦେଇ ନାହାନ୍ତି।

## ଲାଞ୍ଚ ନେଉଥିବା ଭିଡିଓ ଭାଇରାଲ୍: ଏଏସଆଇ ନିଲମ୍ବିତ

ମୟୁରଭଞ୍ଜ, ୧୪/୦୯ (ନି.ପ୍ର): ଏଏସଆଇ ଅବଦୁଲ ମତଲବୀ ଖାନଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୟୁରଭଞ୍ଜ ଏସପି। ଲାଞ୍ଚ ନେବା ବେଳର ଭିଡିଓ ଭାଇରାଲ ହେବା ପରେ ବିଶୋଇ ଥାନା ଏଏସ୍ଆଇ ଅବଦୁଲ ମତଲବୀ ଖାନଙ୍କୁ ନିଲମ୍ବନ କରିଛନ୍ତି ମୟୂରଭଞ୍ଜ ଏସ୍ପି। କୌଣସି ଏକ ମାମଲାରେ ବିଶୋଇ ଥାନାରେ ୫ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ନାଁ ଏଫଆଇଆରରୁ କାଟିବା ପାଇଁ ଲାଞ୍ଚ ନେଇଥିଲେ ଏଏସ୍ଆଇ ଅବଦୁଲ ମତଲବୀ ଖାନ। ଆଉ ସେହି ସମୟରେ କେହି ମୋବାଇଲ ଫୋନ୍‌ରେ ଭିଡିଓ ଉତ୍ତୋଳନ କରି ଦେଇଥିଲେ। ପରେ ସେହି ଭିଡିଓଟି ଭାଇରାଲ ହୋଇଥିଲା। ଏଏସଆଇ ଅବଦୁଲ



ମତଲବୀ ଖାନଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ମୟୁରଭଞ୍ଜ ଏସପି।

## ସହକାରୀ ଯନ୍ତ୍ରୀ ଗିରଫ: ଠୁଳ କରିଛନ୍ତି ଆୟଠାରୁ ୯୫% ଅଧିକ ସମ୍ପତ୍ତି



ବାରିପଦା, ୧୪/୦୯ (ନି.ପ୍ର): ବାରିପଦା ଜନସ୍ୱାସ୍ଥ୍ୟ ଡିଭିଜନ-୧ର ସହକାରୀ ଯନ୍ତ୍ରୀ ତଥା ଓ୍ୱାଟକୋ ସେକ୍ସନ-୧ର ସହକାରୀ ପ୍ରବନ୍ଧକ ବନେଶ୍ୱର ନାୟକଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟଠାରୁ ୯୫% ଅଧିକ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ତାଙ୍କ ପତ୍ନୀଙ୍କ ନାଁରେ ମଧ ମାମଲା ରୁଜୁ କରିଛି ଭିଜିଲାନ୍ସ । ବାରିପଦା ସହରରେ ବନେଶ୍ୱର ନାୟକଙ୍କର ଏକ ତିନି ମହଲା କୋଠା ଅଛି। ସେହିପରି ମୟୂରଭଞ୍ଜର ବଡ଼ସାହି ଥାନା ଅଞ୍ଚଳରେ ତାଙ୍କର ଏକ ଦୁଇ ମହଲା ଘର ଅଛି। ସେହିପରି ପୈତୃକ ଗାଁ ଚାଉଳିସୋଲରେ ତାଙ୍କର ଏକ ଦୁଇ ମହଲା ଘର ଅଛି। ବନେଶ୍ୱରଙ୍କର ୩ଟି ପ୍ଲଟ ଠାବ କରାଯାଇଛି। ସେଥିରୁ ୨ଟି ବାରିପଦା ସହରରେ ଅଛି। ତାଙ୍କର ୩୩.୨୯ ଲକ୍ଷ ଟଙ୍କାର ବ୍ୟାଙ୍କ, ପୋଷ୍ଟାଲ ଓ ବୀମା ଜମା ଅଛି। ତାଙ୍କର ଗୋଟିଏ ଚାରି ଚକିଆ ଗାଡ଼ି, ୨ଟି ଦୁଇ ଚକିଆ ଗାଡ଼ି ଓ ଅନ୍ୟାନ୍ୟ ଗୃହୋପକରଣର ମୂଲ୍ୟ ମିଶି ୧୬.୧୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ନୀତିକୁ ଫୁଁ: ମନମର୍ଜିରେ ବିଜ୍ଞାପନ




ଭୁବନେଶ୍ୱର, ୧୪/୦୯ (ନି.ପ୍ର): ଚଳିତ ବର୍ଷ ମାର୍ଚ୍ଚ ୧୪ ତାରିଖର ବିଧାନସଭା ଉତ୍ତରକୁ ଦେଖିଲେ- ଗତ ୫ ବର୍ଷରେ ପ୍ରିଣ୍ଟ ମିଡିଆକୁ ୧୧୬.୦୯ କୋଟି ଟଙ୍କାର ବିଜ୍ଞାପନ ଦିଆଯାଇଥିବାବେଳେ ଇଲୋକଟ୍ରୋନିକ ମିଡିଆଗୁଡ଼ିକୁ ୨୩ କୋଟି ୫୧ ଲକ୍ଷ ଟଙ୍କାର ବିଜ୍ଞାପନ ଦିଆଯାଇଛି। ଶାସକ ଦଳ ବିଜେଡିର ଦୁଇ ବିଧାୟକଙ୍କ ମାଲିକାନାରେ ପରିଚାଳିତ ଟିଭି ଓ ଖବରକାଗଜକୁ ସରକାର ଖୁବ୍ ପସନ୍ଦ କରନ୍ତି। ଏମିତିକି ଚନ୍ଦ୍ରରେ ଚନ୍ଦ୍ରାୟଣ-୩ ଅବତରଣ ହେଉ କି ଟିଭିରେ ରଥଯାତ୍ରା- କେବଳ ଏହି କମ୍ପାନୀ ଦ୍ୱାରା ପରିଚାଳିତ ଟିଭିରେ ଖବର ଦେଖନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଉ ତା' ପରେ ପରେ ସେହି ଭିଡିଓ କ୍ଲିପକୁ ମିଡିଆ ସହ ସେୟାର କରିଥାଏ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ। କେବଳ ସେତିକି ନୁହେଁ, ପ୍ରସାରଣ ଓ ଦର୍ଶକୀୟ ଆଦୃତିକୁ ଦେଖି ବିଜ୍ଞାପନ ବଂଟନ ପାଇଁ ୧୯୯୮ରେ ଏକ ବିଜ୍ଞାପନ ନୀତି ପ୍ରଣୟନ ହୋଇଥିଲେ ବି ତାକୁ ଆଖି ବୁଜି ଦିଅନ୍ତି ସରକାର। ସନ୍ତୁଳିତ ଓ ନ୍ୟାୟସଂଗତ ଭାବେ ବିଜ୍ଞାପନ ବଣ୍ଟନ ପାଇଁ ନୀତି ତିଆରି ହୋଇଥିଲେ ବି ତାହାକୁ ଖାତିର କରୁନାହାନ୍ତି ରାଜ୍ୟ ସରକାର। ସୂଚନା ଅଧିକାର ଆଇନରେ ତା. ୨୬.୦୭.୨୦୨୩ରେ ମିଳିଥିବା ଏକ ଉତ୍ତରରୁ ଏହା ସ୍ପଷ୍ଟ ହେଉଛି। ପ୍ରାୟ ତିନି ବର୍ଷରେ କେଉଁ ଖବରକାଗଜକୁ କେତେ ଟଙ୍କାର ବିଜ୍ଞାପନ ମିଳିଛି ଏଥିରେ ଦର୍ଶାଯାଇଛି। ସୂଚନା ଓ ଲୋକସଂପର୍କ ବିଭାଗରୁ ମିଳିଥିବା ଉତ୍ତର ଅନୁଯାୟୀ, ପ୍ରାୟ ତିନି ବର୍ଷରେ ▶▶ପୃଷ୍ଠା ୭

## ଡିଭାଇଡରରେ ପିଟି ହେଲା ସ୍କର୍ପିଓ: ଚାଲିଗଲା ଜୀବନ

ମୟୂରଭଞ୍ଜ, ୧୪/୦୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଚଢ଼େଇଭୋଳ ଫାଣ୍ଡି ଅନ୍ତର୍ଗତ ତୁରୁମୁଙ୍ଗା ବୈତରଣୀ ପୋଲରେ ଘଟିଛି ଦୁର୍ଘଟଣା। ଏକ ସ୍କର୍ପିଓ ଭାରସାମ୍ୟ ହରାଇ ପୋଲର ଡିଭାଇଡରରେ ପିଟି ହେବା ଫଳରେ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାଁ ଜୁଲ ଫିକ୍କର। ତାଙ୍କ ଘର ଯାଜପୁର ଜିଲ୍ଲା କୁଆଖିଆ ଥାନା ଅନ୍ତର୍ଗତ ଗୋପୀନାଥପୁରରେ। ସେ ମୁର୍ଗାପାଟରେ ଏକ ହୋଟେଲରେ କାମ କରୁଥିଲେ। ଜୁଲ ଫିକ୍କର ଆଜି ଯାଜପୁର ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଚଢ଼େଇଭୋଳ ଫାଣ୍ଡି ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲା : ଅଭିଯୁକ୍ତ ଗୋପାଳ ଦାସର ଡିସଚାର୍ଜ ପିଟିସନ୍ ଖାରଜ

ଝାରସୁଗୁଡା , ୧୪/୦୯ (ନି.ପ୍ର): ଖାରଜ ହେଲା ଗୋପାଳ ଦାସର ଡିସଚାର୍ଜ ପିଟିସନ୍ । ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳ ଦାସକୁ ଚୌଦ୍ୱାର ଜେଲରୁ ଅଣାଯାଇ ଝାରସୁଗୁଡା ଏଡିଜେ କୋର୍ଟରେ ହାଜର କରାଯାଇଥିଲା । ଗୋପାଳ ପକ୍ଷରୁ ଦାଖଲ ହୋଇଥିବା ଡିସ୍‌ଚାର୍ଜ ପିଟିସନର ଶୁଣାଣି ହୋଇଥିବା ବେଳେ କୋର୍ଟ ଏହାକୁ ଖାରଜ କରିଛନ୍ତି । ଏହା ସହ ଉଭୟ ପକ୍ଷ ଏବଂ ବିପକ୍ଷ ଓକିଲଙ୍କ ଉପସ୍ଥିତିରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ୍ ଆଧାରରେ ଗୋପାଳ ବିରୋଧରେ ଚାର୍ଜଫ୍ରେମ୍ ହୋଇଛି । କୋର୍ଟଙ୍କ ସମ୍ମୁଖରେ ଗୋପାଳ ନିଜକୁ ନିର୍ଦ୍ଦୋଷ କହିବା ସହ ତାଙ୍କର ଓକିଲ ଏହି ମାମଲା ଲଢ଼ିବେ ବୋଲି କହିଥିବା ଗୋପାଳର ଓକିଲ ନରେଶ ନାୟକ ପ୍ରକାଶ କରିଛନ୍ତି । ଆଗାମୀ ଶୁଣାଣି ଏବଂ ସାକ୍ଷଗ୍ରହଣ ଆସନ୍ତା ୫ ତାରିଖରେ ହେବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିବା ନରେଶ ନାୟକ ସୂଚନା ଦେଇଛନ୍ତି । କୋର୍ଟ ଡିସଚାର୍ଜ ପିଟିସନ୍ ଉପରେ କରିଥିବା ଶୁଣାଣି ▶▶ପୃଷ୍ଠା ୭

## ଚୀନକୁ ଆଇନା ଦେଖାଇଲେ ସେନାର ପୂର୍ବତନ ମୁଖ୍ୟ ଜେନେରାଲ ଏମ ନରଭଣେ

### ଚୀନର ଅସଲ ମାନଚିତ୍ର ପୋଷ୍ଟ କରି ଦେଲେ ଉଚିତ ଜବାବ




ନୂଆଦିଲ୍ଲୀ,୧୪/୦୯ : ଚୀନକୁ ଆଇନା ଦେଖାଇଲେ ଭାରତୀୟ ସେନାର ପୂର୍ବତନ ସେନାମୁଖ୍ୟ ଜେନେରାଲ ଏମଏମ ନରଭଣେ । ନିଜ ଟୁଇଟର ପେଜରେ ଚୀନର ଅସଲ ମାନଚିତ୍ର ପୋଷ୍ଟ କରିଛନ୍ତି ନରଭଣେ । ପୋଷ୍ଟ କରି ସେ ଲେଖିଛନ୍ତି ଶେଷରେ ଜଣେ କିଏ ଚୀନର ଅସଲ ମାନଚିତ୍ର ପାଇଛନ୍ତି । ମାନଚିତ୍ରରେ ଲଦାଖ ଓ ତିବ୍ବତ ସମେତ କେତେକ ଅଂଚଳକୁ ଚୀନ ଅଧିକୃତ ଅଂଚଳ ବୋଲି କୁହାଯାଇଛି । କିଛି ଦିନ ପୂର୍ବରୁ ଚୀନ ଏକ ମାନଚିତ୍ର ଜାରି କରି ଲଦାଖ, ତିବ୍ବତ, ଅରୁଣାଚଳପ୍ରଦେଶ, ଅକ୍ସାଇ ଚୀନ ସମେତ ଆଉ କିଛି ଅଂଚଳକୁ ନିଜର ବୋଲି ଦାବି କରିଥିଲା । ଭାରତର ଏହା ଦୃଢ ବିରୋଧ ପ୍ରତିବାଦ କରିଥିଲା

## ବାଇକ୍ ଡିକି ଭାଙ୍ଗି ଲୁଟି ନେଇଥିଲେ ୮ଲକ୍ଷ ଟଙ୍କା: ୩ ଲୁଟେରା ଗିରଫ

ବାଲେଶ୍ୱର , ୧୪/୦୯ (ନି.ପ୍ର): ମୋଟର ସାଇକେଲ ଡିକି ଭାଙ୍ଗି ଲୁଟି ନେଇଥିଲେ ୮ ଲକ୍ଷ ୫୦ ହଜାର ଟଙ୍କା । ଆଉ ସେହି ଲୁଟେରା ପୋଲିସ ହାତରେ ଧରା ପଡିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ମାସ ୧୧ ତାରିଖ ଦିନ ବାଲେଶ୍ୱର ସହରର ଉପ-ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଘଟିଥିଲା ଏହି ଲୁଟ୍ ଘଟଣା । ବାଲେଶ୍ୱର ଜିଲ୍ଲା ସହଦେବଖୁଣ୍ଟା ପୋଲିସ ଗଞ୍ଜାମ ଜିଲ୍ଲାର ତିନି ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୭ ହଜାର ▶▶ପୃଷ୍ଠା ୭

## ଦୁର୍ନୀତିଗ୍ରସ୍ତଙ୍କ ସୁରକ୍ଷାଦାତା ନିଜେ ମୁଖ୍ୟମନ୍ତ୍ରୀ: ୨୨୭ଜଣ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି




ଭୁବନେଶ୍ୱର, ୧୪/୦୯ (ନି.ପ୍ର): ରାଜ୍ୟରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ସୁରକ୍ଷାଦାତା ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଜିଛନ୍ତି। ରାଜ୍ୟ ସରକାରଙ୍କ 'ଦୁର୍ନୀତି ପ୍ରତି ଜିରୋ ଟଲେରାନ୍ସ' କେବଳ ପ୍ରଚାର ଓ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି ବିଜେପି କହିବା ସହ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ସୁରକ୍ଷା ଦେବାରେ ମୁଖ୍ୟମନ୍ତ୍ରୀ ସମଗ୍ର ଦେଶରେ ଆଗରେ ରହିଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ଦୁର୍ନୀତଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଅନୁମତିର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ରାୟକୁ ବିଜେପି ସ୍ୱାଗତ କରିଛି। ଏଥିସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ରାଜ୍ୟର ଯେଉଁ ୨୨୭ଜଣ ଆଇଏଏସ ଓ ଓଏଏସ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ ତଦନ୍ତ ପାଇଁ ଭିଜିଲାନ୍ସ ଅନୁମତି ମାଗିଥିଲେ, ସେମାନଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରି ଦଣ୍ଡବିଧାନ କରିବାକୁ ତୁରନ୍ତ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଜେପି ଦାବି କରିଛି। ▶▶ପୃଷ୍ଠା ୭

## ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସର ବିକ୍ଷୋଭ: ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡାମାଡ଼

ଭୁବନେଶ୍ୱର, ୧୪/୦୯ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ନ କରାଯିବାକୁ ନେଇ ତେଜିବାରେ ଲାଗିଛି ବିଭିନ୍ନ ଛାତ୍ର ସଂଗଠନର ଅସନ୍ତୋଷ। ଏହି କ୍ରମରେ ଆଜି ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ତା' ସହିତ ତାଙ୍କ ଘର ଉପରକୁ ଅଣ୍ଡାମାଡ଼ କରାଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ



ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏମିତିକି ଛାତ୍ର କଂଗ୍ରେସ ନେତା ଓ ସଦସ୍ୟମାନେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଭିତରକୁ ଧସେଇ ପଶିବାକୁ ପ୍ରୟାସ କରିଥିଲେ। ତେବେ ପୁଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ▶▶ପୃଷ୍ଠା ୭

# ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ତରଫରୁ ବୋରିଗୁମ୍ମା ଥାନାରେ ଏତଲା

ଜୟପୁର, ୧୪/୦୯ (ନି.ପ୍ର): ଆଜି କୋରାପୁଟ ଜିଲ୍ଲା ଓଡ଼ିଶା ଅମଲା ସଂଘ ପକ୍ଷରୁ ଓଡ଼ିଶା ଅମଲା ସଂଘ ସଭାପତି ଶ୍ରୀ ଶଶୀଭୂଷଣ ଦାଶ ଙ୍କ ଦ୍ୱାରା ବୋରିଗୁମ୍ମା ଥାନାରେ ଏତଲା ଦିଆଯାଇଛି, ଜଗନ୍ନାଥ ନାୟକ ନାମକ ଜଣେ ବ୍ୟକ୍ତି କନିଷ୍ଠ ସହାୟକ ଭାବେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟରତ ବିଭିନ୍ନ ଦିନ ରୁ ମୋବାଇଲ ଫୋନ ରେ ବିଭିନ୍ନ ଗୃପ୍ ରେ ବିଭିନ୍ନ ବିଷୟରେ ପୋଷ୍ଟ କରିବା ସହ ରାଜ୍ୟ ସଂଘ ଓ ଜିଲ୍ଲା ସଂଘ ର କର୍ମକର୍ତ୍ତା ମାନଙ୍କୁ ନାକାରତ୍ମକ କମେଣ୍ଟ, କରି ତାସଲ୍ୟ କରି ଆସୁଥିଲେ, ଦିର୍ଘ ଦିନରୁ ରାଜ୍ୟ ସଂଘ ଶ୍ରୀ ନାୟକ ଙ୍କୁ ତାଗିଦ୍ କରିଥିଲେ ଯେ କୌଣସି ଗୃପ୍ ରେ ସେ ଯେମିତି କୌଣସି କମେଣ୍ଟ କି କାହାରି ନାମ ରେ କିଛି ଲେଖିବେ ନାହିଁ ନଚେତ୍ ତାଙ୍କୁ ଗୃପ୍ ରୁ ବାହାର କରାଯିବ ତଥାପି ସେ ପୁଣିଥରେ ବିଭିନ୍ନ ଲେଖା ଗୃପ୍ ରେ ପୋଷ୍ଟ କରିବାରୁ ତାଙ୍କୁ ଗୃପ୍ ରୁ ବାହାର ମଧ କରି ଦେଇଥିଲେ ତା ପରେ ଶ୍ରୀ ନାୟକ ଅନ୍ୟ ଗୃପ୍ ରେ ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ତାସଲ୍ୟ କରିବା ସହିତ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା, ସଭାପତି ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶ୍ରୀ ଶଶୀଭୂଷଣ ଦାଶ ଙ୍କ ନାମରେ ଗୃପ୍ ରେ ପୋଷ୍ଟ କରିଥିବାରୁ ଶ୍ରୀ ଶଶୀଭୂଷଣ ଦାଶ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଜରିଆରେ ଶ୍ରୀ ଜଗନ୍ନାଥ ନାୟକ ଙ୍କ ନାମରେ ବୋରିଗୁମ୍ମା ଥାନାରେ ଏତଲା ଦେଇଛନ୍ତି, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତାଙ୍କ ପତ୍ରାଙ୍କ ସଂଖ୍ୟା ୬୫ ତା ୧୩.୦୯.୨୦୨୩ ରିଖ ରେ ମାମଲା ରୁଜୁ କରିବା ନିମନ୍ତେ ଥାନା ଅଧିକାରୀ ଙ୍କୁ ଅନୁରୋଧ କରିଛନ୍ତି. ପ୍ରକାଶ ଥାଉ କି ଶ୍ରୀ ଶଶୀଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ଓଡ଼ିଶା ଅମଲା ମଞ୍ଚ ସଭାପତି କୋରାପୁଟ ଜିଲ୍ଲା ଶାଖା ତଥା ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ, ଆନ୍ଦୋଳନ, ସମାବେଶ କରି ସଂଘ କୁ ଆଗକୁ ବଢ଼ିବାରେ ସହାୟକ ହୋଇଥିବାରୁ ହାତ ଗଣତି କିଛି କୁ ଚକ୍ରାନ୍ତକାରି ବ୍ୟକ୍ତି ଏ ପରି ବିଭ୍ରାଟ କରି ମାନସିକ ଦୁଶ୍ଚିନ୍ତା ଦେବା ସହ ଆମର ମାନ ସମ୍ମାନ ନଷ୍ଟ କରିବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ଦାଶ ଗଣ ମାଧ୍ୟମକୁ ସୂଚନା ଦେବା ସହିତ ଥାନା ଅଧିକାରୀ ଙ୍କୁ ଶ୍ରୀ ନାୟକ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# ସିନିଅର ଫୁଟବଲ ଲିଗର ସୁପର ଲିଗର ଉଦଘାଟନୀ ମ୍ୟାଚ : ବୀରମହାରାଜପୁର ଫୁଲଝରା ବିଜୟୀ

ବଲାଙ୍ଗିର , ୧୪/୦୯ (ନି.ପ୍ର): ଜିଲ୍ଲା କ୍ରୀଡା ସଂଘ ଦ୍ୱାରା ସୋନପୁର ରୟାଲ ପଡିଆ ଠାରେ ଆୟୋଜିତ ସିନିଅର ଫୁଟବଲ ଲିଗ ର ସୁପର ଲିଗ ର ଉଦଘାଟନୀ ମ୍ୟାଚ ଆଜି ଦିବା ୧୨ ଘଣ୍ଟା ରେ ଅନୁଷ୍ଠିତ ହୋଇଥିଲା । ସୋନପୁର ରାମଧୁନ କ୍ଲବ କୁ ୨-୧ ଗୋଲ ରେ ପରାଜିତ କରି ବୀର ମହାରାଜପୁର ଫୁଲଝରା ଦଳ ବିଜୟୀ ହୋଇଛି କ୍ଷ ଆଜିର ର ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ସମ୍ମାନିତ ଅତିଥି ସୋନପୁର କଲେଜ ଏନ ସି ସି ଲେଫ୍ଟନେଣ୍ଟ ଆଶିଷ ଆଗ୍ରୱାଲ, କନେଷ୍ଟବଳ ସଂଘ ର ପ୍ରାକ୍ତନ ସମ୍ପାଦକ ଦୀନେଶ ମିଶ୍ର, ସମାଜ ସେବୀ ଶ୍ରୀକାନ୍ତ ମିଶ୍ର, ଭେଟେରାନ ଖେଳାଳି ଭୁକୁଲୁ ବକ୍ସି, ସନତ ହୋତା, ରାକେଶ ନାଗ, ସାମ୍ବାଦିକ ସନ୍ତୋଷ ମିଶ୍ର ଯୋଗ ଦେଇ ଶ୍ରେଷ୍ଠ ଖେଳାଳି ଦୀପକ ମହାଲିକ ଙ୍କୁ ପୁରସ୍କୃତ କରିଥିଲେ । ସଂଜୀବ ସାହୁ ମୁଖ୍ୟ ରେଫାରୀ , ଅଜିତ ନାଏକ, ସିଦ୍ଧାର୍ଥ ପାତ୍ର ୨ ଓ ୩ ନମ୍ବର ଓ ପ୍ରଶାନ୍ତ ସେଠ ଫୋର୍ଥ ଅଫିସିଆଲ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ । ସେହିପରି ଆଜି ର ଦ୍ୱିତୀୟ ମ୍ୟାଚ ବାଲଖମାର ଦଳ ଓ ବୀରମହାରାଜ ପୁର ଦଳ ମଧ ରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସୋନପୁର ଉପ ଜିଲ୍ଲାପାଳ ଡ଼ଃ ଇପସିତା ପ୍ରିୟ ଦର୍ଶନୀ ମିଶ୍ର, ଓ ସମ୍ମାନିତ ଅତିଥି ଭାବେ ତହସିଲଦାର ନବୀନ କିଶୋର ପାଢ଼ୀ, ଏସିଏଫ ଗିରିଧାରୀ ନାଗ, ପୋଲିସ ଆର ଆଇ ସରୋଜ କୁମାର ବେହେରା, ଭେଟେରାନ ଖେଳାଳି ଗୋରେଖ ନାଥ ସାହୁ , କଲ୍ୟାଣ ପାଢ଼ୀ, ପ୍ରମୁଖ ଯୋଗ ଦେଇ ଖେଳାଳି ଙ୍କୁ ଉତ୍ସାହିତ ଓ ପୁରସ୍କୃତ କରିଥିଲେ ।ଏଇ ମ୍ୟାଚ ରେ ତରଭା ବାଲି ଖମାର ବିରନାହାରାଜ ପୁର ଫୁଲ ଚରା ଦଳ ୧-୦ ରେ ହରାଇ ବିଜୟୀ ହୋଇଥିଲା । ଶ୍ରେଷ୍ଠ ଖେଳାଳି ଭାବେ ରାଜା ଭୋଇ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି ।

## ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର,୧୩ ସେପ୍ଟେମ୍ବର (ହି.ସ.) - ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଆଜି ବାମିଣିପୁଟ ଉଚ୍ଚବିଦ୍ୟାଳୟ ଠାରେ ଶିଶୁ ମାନଙ୍କର ଯତ୍ନ ଓ ସୁରକ୍ଷ୍ୟା ଏବଂ ପୋକ୍ସ ଅଧିନିୟମ ଅନୁଯାୟୀ ମହିଳା ପୀଡ଼ିତାଙ୍କ କ୍ଷ୍ୟତିପୁରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷିତ ହୋଇଥିଲା. ଶ୍ରୀ ସତ୍ୟନାରାୟଣ ମିଶ୍ର, ଜିଲ୍ଲା ଜଜ୍ ତଥା ଅଧକ୍ଷ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁରଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ସଚେତନତା ଶିବିର କରାଯାଇଥିଲା । ଏଥିରେ ସଚିବ ସୁମନ ଜେନା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଏହି ଶିବିର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ. ତାସହିତ ଶ୍ରୀ ହରିଶଚନ୍ଦ୍ର ମୁଦୁଲି ଡେପୁଟି ଆଇନ ସେବା ପ୍ରତିପକ୍ଷ୍ୟ ତଥା ଆଇନଜୀବି, ପି. ସନ୍ୟାସି ରାଓ ସମ୍ମୁଖ କାର୍ଯ୍ୟାଳୟ ରିଟେନର୍ ଯୋଗଦେଇ ଅଉପସ୍ଥିତ ଥିବା ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ ଯେ ଯାହାର ୧୮ ବର୍ଷରୁ କମ୍ ହୋଇଥିବ ତାହାଙ୍କୁ ଶିଶୁ ରୂପେ ଗଣନା କରାଯିବ । ଯେଉଁ ଛାତ୍ରଛାତ୍ରୀ ମାନେ ୧୮ ବର୍ଷରୁ କମ ହୋଇ କୌଣସି କ୍ରାଇମ୍ କରନ୍ତି ତାହା ହେଲେ ତାଙ୍କୁ ବାଳ ଅପରାଧି ରୂପେ ଦୋଷି ସାବ୍ୟସ୍ତ କରାଯାଇଥାଏ ଏବଂ ତାଙ୍କୁ ଦଣ୍ଡସ୍ୱରୁପ ସୁଧାର ଗୃହରେ ରଖାଯାଏ ।

# ଏବିଭିପିର କାର୍ଯ୍ୟକାରିଣୀ ବୈଠକ ପୁରୀରେ ଅନୁଷ୍ଠିତ

ପୁରୀ, ୧୪/୦୯ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପ୍ରଦେଶର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବୃନ୍ଦାବତୀ ନିବାସରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ଅସଜଡ଼ା ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ସହ ଶିକ୍ଷାର ମାନକୁ ବଜାୟ ରଖିବା ନେଇ ଏହି ବୈଠକରେ ଆଲୋଚନା କରାଯାଇଛି । ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ କିପରି ସଠିକ୍ ମାର୍ଗରେ ନେଇ ପିଲାଙ୍କ ଭବିଷ୍ୟତକୁ ଅଗ୍ରାଧିକାର ଦିଆଯିବ ସେ ନେଇ ପ୍ରସ୍ତୁତ ହୋଇଛି ମାର୍ଗ ।ଦୁଇ ଦିନ ଧରି ଚାଲିଥିବା ଏହି ବୈଠକରେ ରାଜ୍ୟର ଶିକ୍ଷାସ୍ଥିତି ଓ ସାମାଜିକ ସ୍ଥିତି ବିଷୟରେ ପ୍ରସ୍ତାବ ପାରିତ ହୋଇଥିଲା । ଏହି ବୈଠକରେ ଏବିଭିପିର ସଦସ୍ୟତା କେମିତି ଅଧିକ ହୋଇ ପାରିବ ସେ ନେଇ ଆଲୋଚନା ହୋଇଥିଲା । ଏହା ସହ ଆଗକୁ ରାଜ୍ୟର ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀଙ୍କୁ ନେଇ ବଡ ବୈଠକ ହେବ ବୋଲି ଆଲୋଚନା ହୋଇଥିଲା । ସରକାର ଛାତ୍ରସଂସଦ ନିର୍ବାଚନ ବନ୍ଦ କରି କେମିତି ଜାଣିଶୁଣି ଛାତ୍ରନେତା ତିଆରିକୁ ରୋଗୀ ନିଜର କଳା କାରନାମା ବିସ୍ତାର କରୁଛନ୍ତି ସେ ନେଇ ଆଲୋଚନା ହେବା ସହ , ଛାତ୍ର ସଂସଦ ନିର୍ବାଚନ ପାଇଁ ସବୁ କ୍ୟାମ୍ପସରେ ତୀବ୍ର ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ଜାରି କ୍ୟାଲେଣ୍ଡରରେ ଛାତ୍ର ସଂସଦ ନିର୍ବାଚନ ନେଇ କିଛି ଉଲ୍ଲେଖ ହୋଇନାହିଁ । ଏଥିରୁ ସ୍ପଷ୍ଟ ସରକାର ଛାତ୍ର ନେତା ହତ୍ୟା କରିବାକୁ ଚାହୁଁଛନ୍ତ । କ୍ୟାମ୍ପସରେ ଅଧାପକ ଅଭାବର ଦୂରୀକରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏହା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ରାଷ୍ଟ୍ରୀୟ ଶିକ୍ଷା ନୀତିକୁ ରାଜ୍ୟରେ କାର୍ଯ୍ୟକାରୀ ପାଇଁ ସେମିନାର ହେବା ନେଇ ନିଷ୍ପତି ହୋଇଥିଲା । ଜନଜାତି ବିଦ୍ୟାର୍ଥୀଙ୍କ ପାଇଁ ସେମିନାର ହେବା ନେଇ ଆଲୋଚନା ହୋଇଥିଲା । ଏତତ ବ୍ୟତୀତ ରାଜ୍ୟରେ ଭୁସୁଡିଥିବା ଶିକ୍ଷା ବ୍ୟବସ୍ଥାକୁ ବିରୋଧ କରି ନଭେମ୍ବର ୨୧ରେ ବିଧାନସଭା ଘେରାଉ ହେବ ବୋଲି ଏହି ବୈଠକରେ ନିଷ୍ପତି ହୋଇଥିଲା । ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନ ହେବ ବୋଲି ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ କହିଥିଲେ । ଏହି ବୈଠକରେ ମୋଟ ୧୫୬ ଜଣ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂଯୋଜକ ବିଶ୍ମୟ ରଞ୍ଜନ ପଟ୍ଟନାୟକ ଓ ଜିଜ୍ଞାସାର ରାଜ୍ୟ ସଂଯୋଜକ ଲିଟୁନ ଦାସ ଉପସ୍ଥିତ ଥିଲେ ।

# ନୂଆଦିଲ୍ଲୀଠାରେ 'ସ୍କିଲ୍ ଇଣ୍ଡିଆ ଡିଜିଟାଲ୍'ର ଶୁଭାରମ୍ଭ




ନୂଆଦିଲ୍ଲୀ / ଭୁବନେଶ୍ୱର , ୧୪/୦୯ (ନି.ପ୍ର): ଭାରତର ଦକ୍ଷତା ବିକାଶ ମଡେଲକୁ ଆଜି ବିଶ୍ୱ ଅନୁକରଣ କରୁଛି ବୋଲି ନୂଆଦିଲ୍ଲୀସ୍ଥିତ କୌଶଳ ଭବନରେ 'ଫସ୍କିଲ୍ ଇଣ୍ଡିଆ ଡିଜିଟାଲ୍' ପ୍ଲାଟଫର୍ମର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ନିକଟରେ ସମାପ୍ତ ହୋଇଥିବା ଜି ୨୦ ବୈଠକରେ ୧୦ଟି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଥିଲା, ସେଥିମଧ୍ୟରୁ ବିଶ୍ୱ ସ୍କିଲ ଗ୍ୟାପ ଆନାଲିସିସ ଓ ଭାରତର ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟର୍କଚର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ରାଷ୍ଟ୍ରସମୂହ ଭାରତର ଡିଜିଟାଲ ପଦକ୍ଷେପକୁ ପ୍ରଶଂସା କରିବା ସହ ଭାରତର ମଡେଲ ପ୍ରତି ବିଶ୍ୱ ଅନେକ ଆଶା ରଖିଛି । ଭାରତର ୟୁପିଆଇ, ଭିମ ଆପ, ଡିଜି ଲକର, ୱାନ ନେସନ ୱାନ କାର୍ଡ, ରାସନ କାର୍ଡ ପୋର୍ଟାବିଲିଟି, ଡ଼ିବିଟି, ଏକାଡେମିକ ବ୍ୟାଙ୍କ ଅଫ କ୍ରେଡିଟକୁ ଲୋକମାନେ ଭଲରେ ବୁଝିପାରିଛନ୍ତି । ଭାରତର ସ୍କିଲ ଇଣ୍ଡିଆ ଏକ ବ୍ରାଣ୍ଡ ହେବା ସହ ଜନଆନ୍ଦୋଳନ ହୋଇପାରିଛି ଓ ଶିଳ୍ପ ବିପ୍ଳବ ୪.୦ରେ ବିଶ୍ୱ ଭାରତର ଡିଜିଟାଲ ସ୍ପେସକୁ ଆଦୃତ କରିଛି । ଭାରତ ଡିଜିଟାଲ ଇନଫ୍ରାଷ୍ଟର୍କଚର ବିଶେଷ ଭାବରେ କମ ମୂଲ୍ୟରେ ପବ୍ଲିକ ଇନଫ୍ରାଷ୍ଟ୍ରକଚର ତିଆରି କରିବାରେ କିର୍ତ୍ତୀ ସ୍ଥାପନ କରିଛି । ଆଜି ଲୋକାର୍ପିତ ହୋଇଥିବା ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲରେ ସବୁକିଛି ଡିଜିଟାଲ ପ୍ଲାଟଫର୍ମର ଏକତ୍ରିତ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍କିଲ ଫର ଅଲ, ସ୍କିଲ ଏନିଟାଇମ, ସ୍କିଲ ଏନିହୋୟାର ବ୍ୟବସ୍ଥା ରହିଥିବାରୁ କୌଣସି ବ୍ୟକ୍ତି ଯେକୌଣସି ସମୟରେ ନିଜକୁ କିଛି କ୍ଷେତ୍ରରେ କୌଶଳରେ ଦକ୍ଷ ହେଇ ପାରିବ, ଯାହା ଏକ ନୂଆ ବେଞ୍ଚମାର୍କ ସ୍ଥାପିତ କରିପାରିବ । ଦେଶର ଯେ କୌଣସି ସ୍ଥାନରେ ରହୁଥିବା ବ୍ୟକ୍ତି ହେଉ କିମ୍ବା ଓଡିଶା, ଆନ୍ଧ୍ରପ୍ରଦେଶ ଛତିଶଗଡ ସୀମାରେ କୁଭି ଭାଷା କହୁଥିବା ଜନଜାତି ଲୋକମାନେ ଯଦି ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ମାଧ୍ୟମରେ ନିଜ ଭାଷାରେ ସେମାନେ ନିଜ ଦକ୍ଷତା ହାସଲ କରିବେ ତେବେ ଯାଇ ଏହି ବ୍ୟବସ୍ଥା ସଫଳ ହେବ ଓ ଏଆଇ ଆମକୁ ଉଦ୍ଭାବନରେ ସହାୟକ ହେବା ସହିତ ସୂଚନା ପ୍ରଦାନ କରିବ । କିନ୍ତୁ ହ୍ୟୁମାନ ଇଣ୍ଟେଲିଜେନ୍ସ ସବୁଠୁ ଅଗ୍ରଣୀ ରହିବ ଓ ଜାତୀୟ ଶିକ୍ଷାନୀତିରେ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହିତ ସର୍ବବ୍ୟାପୀ, ସ୍ୱବସ୍ପର୍ଶୀ ଏବଂ ସୁଲଭ ମୂଲ୍ୟରେ ପ୍ରଦାନ କରିବା ଲକ୍ଷ୍ୟ ରହିଛି ଯାହାକି ଡିଜିଟାଲ ଶିକ୍ଷା ମାଧ୍ୟମରେ ସମ୍ଭବ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ ମାଇକ୍ରୋସଫ୍ଟ, ଏଡବ୍ଲୁଏସ, ରେଡହେଟ୍, ୱାଧୱାନି ଫାଉଣ୍ଡେସନ, ୟୁନିସେଫ୍, ଏସଏପି, ସିବିଏସଇ, ଏନ୍ଆଇଇଏଲ୍ଆଇଟି ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନ ଜାତୀୟ କୌଶଳ ବିକାଶ ନିଗମ (ଏନଏସଡ଼ିସି) ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା ।

## ଠିକାଦାରପଡା ଦୁର୍ଗାପୂଜାର ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୧୪/୦୯ (ନି.ପ୍ର): ଠିକାଦାରପଡା ପୂଜା ମଣ୍ଡପରେ ଚଳିତ ବର୍ଷ ଦୁର୍ଗାପୂଜା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ପ୍ରବୀଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ପୂଜା ପାଇଁ କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଶ୍ରୀ ମିଶ୍ର ସଭାପତି ଭାବେ ମନୋନିତ ହୋଇଥିବା ବେଳେ ଉପ-ସଭାପତି ଅନିଲ ପାଣିଗ୍ରାହୀ, ସାଧାରଣ ସମ୍ପାଦକ କାଳି ଚରଣ ବିଶ୍ୱାଳ, କୋଷାଧକ୍ଷ ଭାବେ ଶେଷଦେବ ଯୁଏଡ, ଆବାହକ ସୁରେନ୍ଦ୍ର ବାଗ ମନୋନିତ ହୋଇଥିଲେ । କମିଟିର ସଭ୍ୟବୃନ୍ଦ ଧ୍ରୁବ ଯୁଏଡ, ପ୍ରତ୍ୟୁଷ ଖୁଆସ, ମଧୁ ବିଶ୍ୱାଳ, ରଞ୍ଜିତ ବେହେରା, ଦେବେନ ପାତ୍ର, ମଧୁ ବନଛୋର, ସମିର ମିଶ୍ର, ମନୋଜ ସାହୁ, ରାଜିବ ସ୍ୱାଇଁ, ଲକ୍ଷ୍ମିନ୍ଦ୍ର ସାହୁ, ଦେବା ବରିହା ପ୍ରମୁଖ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ । ଏଥର ପୂଜା ମହା ଆଡମ୍ବରରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ସଭ୍ୟ ସୂର୍ଯ୍ୟ ନାରାୟଣ ମିଶ୍ର, ପ୍ରଦିପ ସାମନ୍ତରାୟ, ମୁରାରୀ ମୋହନ ପଟ୍ଟନାୟକ, ଈଶ୍ୱର ଚିରଗୁନ, ନରେନ୍ଦ୍ର ଜାଲ, ସରୋଜ ଗୁରୁ, ବିଜୟ ମିଶ୍ର, ଅଜିତ ମହାଲିଙ୍ଗ ପୂଜାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ମତ ଦେଇଥିଲେ । ସୁରେନ୍ଦ୍ର ବାଗ ସଭା ପରିଚାଳନା କରିଥିଲେ ।

# ଆୟୁଷ୍ମାନ ଭବଃ ଅଭିଯାନର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୧୪/୦୯ (ନି.ପ୍ର): ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ "ଆୟୁଷ୍ମାନ ଭବ" ଅଭିଯାନର ଶୁଭାରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ସେପ୍ଟେମ୍ବର ୧୭ ତାରିଖ ଠାରୁ ଗାନ୍ଧୀଜୟନ୍ତୀର ପୁଣ୍ୟ ତିଥି ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲୁରହିବ । ସୁସ୍ଥ ଭାରତ ଗଠନ ଦିଗରେ ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା-୩.୦ ଅନ୍ତର୍ଗତ 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ର ବିସ୍ତାର କରାଯାଇ ତୃଣମୂଳ ସ୍ତରରେ ରହୁଥିବା ଗ୍ରାମୀଣ ଜନ ସାଧାରଣଙ୍କୁ ଏହାର ସୁଫଳ ପହଂଚାଇବା ପାଇଁ ଯେଉଁ ପ୍ରୟାସ କରାଯାଇଛି ତାର ଭୂୟସୀ ପ୍ରଶଂସା କରିଥିଲେ ମହାମହିମ ରାଷ୍ଟ୍ରପତି । ୨୦୨୩ ଅକ୍ଟୋବର ୨ ତାରିଖରେ ଆୟୁଷ୍ମାନ ସଭାର ଆୟୋଜନ ହେବ ଯେଉଁଥିରେ ଆୟୁଷ୍ମାନ କାର୍ଡ଼ର ବିତରଣ କରାଯିବା ସହ ଆଭା ଆଇଡି ନିର୍ମାଣ ଓ ସ୍ୱାସ୍ଥ୍ୟ ଯୋଜନାର ସୂଚନା ପ୍ରଦାନ କରାଯିବ । ଏହି ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତା ରେ ଏକ ବୈଠକ ଆୟୋଜିତ ହୋଇ ଯାଇଛି । ସମସ୍ତ ହେଲ୍‌ଥ ଓ ୱେଲ୍‌ନେସ୍ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ୍ତାହିକ ସ୍ୱାସ୍ଥ୍ୟ ମେଳାର ଆୟୋଜନ, ସ୍ୱେଚ୍ଛାକୃତ ରକ୍ତଦାନ ଓ ଅଙ୍ଗଦାନ ଭଳି ମହାନ୍ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏଥି ନିମନ୍ତେ ଜନ ପ୍ରତିନିଧି, ସ୍ୱାସ୍ଥ୍ୟ କର୍ମଚାରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ଗୁରୁତ୍ୱ ଯେତିକି ରହିଛି ଆଶାକର୍ମୀମାନଙ୍କୁ ତାଲିମ୍ ପ୍ରଦାନ କରାଯାଇ ଏହି ଅଭିଯାନର ସଫଳ ରୂପାୟନ ପାଇଁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଡିଏସ୍‌ପି (ଡିଆଇବି) ଶ୍ରୀ ଏଲ୍ ଏନ୍ ତିୱାରୀ, ଡାକ୍ତର ମୀର୍ଜା ବାବର୍ ବେଗ୍, ଡାକ୍ତର ନୃପେନ୍ ଶତପଥି, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ଶୁଭଲକ୍ଷ୍ମୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରଭାସ ଚନ୍ଦ୍ର ଦାସ, ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ, ଡିପିଏମ୍ ଶ୍ରୀମତୀ ଗୀତାଞ୍ଜଳୀ ଦାସ, ଶ୍ରୀ କୃଷ୍ଣଚନ୍ଦ୍ର ଲୋହା, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମତୀ ଶାନ୍ତିଲତା ଚାନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓରିଙ୍ଗି ଆଶ୍ରମ ବିଦ୍ୟାଳୟରେ 'ଅଭିଭାବକ ଜଣେ ଉତ୍ତମ ସହପାଠୀ' ନାମକ କର୍ମଶାଳା ଅନୁଷ୍ଠିତ

ମାଲକାନଗିରି, ୧୪/୦୯ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଞ୍ଚାୟତ ର ଓରିଙ୍ଗି ସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ପଢୁଥିବା ପିଲାମାନଙ୍କର ଅଭିଭାବକ ମାନଙ୍କୁ ନେଇ ମାଲକାନଗିରି ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ଏକ କର୍ମଶାଳାର ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଶିକ୍ଷା ଅଧିକାରୀ ହୃଷିକେଶ ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ରାସବେଡା ସରପଞ୍ଚ ପ୍ରମିଳା ଗୁଟ୍ଟା,ନାଏବ ସରପଞ୍ଚ ଈଶ୍ୱର ମୁଦୁଲି ଓ ସମାଜସେବୀ ବାଳକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ସମସ୍ତ ମଞ୍ଚାସିନ ଅତିଥି ମାନେ ଜଗତର ନାଥ ଜଗନ୍ନାଥ ତୈଳ ଚିତ୍ର ରେ ପୁଷ୍ପ ଅର୍ପଣ ପୁର୍ବକ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଅତିଥି ମାନଙ୍କୁ ସ୍ୱାଗତ ଅଭିବାଦନ ଜଣାଇଥିଲେ, ଏଥିରେ ଓରିଙ୍ଗି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ପଟ୍ଟନାୟକ ସଭାପତିତ୍ୱ କରି ବିଦ୍ୟାଳୟ ର ବିଭିନ୍ନ ସମସ୍ୟା ଓ ଛାତ୍ରଛାତ୍ରୀ ମାନଙ୍କ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦଣ୍ଡସେନା, ଆଜିର ମୁଖ୍ୟ ଥିମ୍ ପ୍ୟାରେଣ୍ଟ ଏଜ ପାର୍ଟନର ବିଷୟରେ କହିଛନ୍ତି ଯେ ପିଲାମାନଙ୍କର ଉନ୍ନତି ରେ ଅଭିଭାବକ ମାନଙ୍କର ଗୁରୁ ଦାୟିତ୍ୱ ରହିଛି ଏଣୁ ଅଭିଭାବକ ମାନେ ଯେ କେବଳ ପିଲା ମାନଙ୍କର ଖାଲି ବାପା ମା ବୋଲି ଭାବିବା ଉଚିତ ନୁହଁ ! ସେମାନେ ଜଣେ ଜଣେ ସହଭାଗୀ ମଧ । ମୁଖ୍ୟ ଅତିଥି ଅଭିଭାବଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଆଦର୍ଶ ଉଦାହରଣ ମାନ ଦେଇ ଆଜିର ଟ୍ୟାଗ ଲାଇନ୍ ଆମେ ଜାଣିବା ଆମେ ଜିଣିବାଉପରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଏହି କର୍ମଶାଳାରେ କୁଡୁମୁଲୁଗୁମ୍ମା ବନରକ୍ଷୀ ଓ ବୈଠକରେ ପାଖାପାଖି ୧୦୦ ରୁ ଉର୍ଦ୍ଧ୍ୱ ଅଭିଭାବକ ମାନେ ଯୋଗ ଦେଇଥିଲେ । ଆଶ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମ ଟିକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।

# ଚମ୍ପୁଆ ବ୍ଲକରେ ଆବାସ ଯୋଜନା ବାଟ ବଣା

## ବୃଦ୍ଧ ଦୃଷ୍ଟିହୀନ ସ୍ୱାମୀ ସହିତ ସ୍ତ୍ରୀ ଗୃହ ପାଇଁ ଜିଲ୍ଲାପାଳଙ୍କୁ କଲେ ଗୁହାରି

ଚମ୍ପୁଆ, ୧୪/୦୯ (ନି.ପ୍ର): ଚମ୍ପୁଆ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାଟବଣା ହୋଇଥିବା ଦେଖିବାକୁ ମିଳିଛି । ବ୍ଲକର ପ୍ରାୟ ସମସ୍ତ ପଂଚାୟତରେ ଥିଲାବାଲା ଲୋକ ଆବାସ ଯୋଜନାରେ ସାମିଲ ହେଉଥିବାବେଳେ ଶହ ଶହ ପ୍ରକୃତ ଗରିବ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହେବାକୁ ଅନାଇ ରହିଛନ୍ତି । ଖଣ୍ଡେ ପକ୍କା ଗୃହ ପାଇଁ ପଂଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ଦୌଡ଼ି ଦୌଡ଼ି ନୟାନ୍ତ ହେଲେବି ହାତଗୁଞ୍ଜା ଦେଇପାରୁ ନଥିବାରୁ ଗରିବ ଅସହାୟ ଲୋକଟି ବର୍ଷ ବର୍ଷ ଧରି ଏହି ଯୋଜନାରୁ ବଂଚିତ ରହୁଥିବା ଅଭିଯୋଗ ହେଉଛି । ପକ୍କାଘରଟିଏ ପାଇବା ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ କଲେ ମଧ କିଛି ସୁଫଳ ହେଉନଥିବା କୁହାଯାଉଥିବାବେଳେ ଚମ୍ପୁଆ ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଏକ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି । ଚମ୍ପୁଆ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ପଂଚାୟତ କଞ୍ଜିଆଶୁଳା ଗ୍ରାମର ବଉଳ ନାୟକ ତାଙ୍କ ଦୃଷ୍ଟିହୀନ ସ୍ୱାମୀ ବିଦେଶୀ ନାଏକଙ୍କ ସହିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀକୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡିଏ ପାଇନଥିବାନେଇ ଅଭିଯୋଗ କରିବା ପାଇଁ ଆସିଥିବା ଦେଖିବାକୁ ମିଳିଥିଲା । ବୃଦ୍ଧାବସ୍ଥା ଯୋଗୁଁ ଅଂଟା ସଳଖ କରି ଚାଲିପାରୁ ନଥିବା ସ୍ତ୍ରୀ ବଉଳ ନାଏକ ନଇଁ ନଇଁ ଚାଲୁଥିବାବେଳେ ତାଙ୍କ ଦୃଷ୍ଟିହୀନ ସ୍ୱାମୀଙ୍କ ବାଡ଼ିକୁ ଧରି ଆଗେ ଆଗେ ବାଟ କଢ଼ାଇ ନେଉଥିଲା ଓ ପଛେ ପଛେ ତାଙ୍କ ସ୍ୱାମୀ ତାଙ୍କୁ ଅନୁସରଣ କରୁଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀକୁ ଆସିବାର ଅଭିପ୍ରାୟ ବିଷୟରେ ପଚାରିବାରୁ ସେ ଗ୍ରାମରେ ସମସ୍ତେ ଘର ପାଇଲେ, ହେଲେ ଆମକୁ ଖଣ୍ଡେ ଘର ମିଳି ନଥିବା ଯୋଗୁଁ ଆମେ ଜିଲ୍ଲାପାଳଙ୍କୁ ଗୁହାରୀ କରିବାକୁ ଆସିଛୁ ବୋଲି କହିଥିଲେ । ସେ କ'ଣ କରନ୍ତି ବୋଲି ପଚାରିବାରୁ ସେ ବାର୍ଦ୍ଧକ୍ୟ ଓ ଦୃଷ୍ଟି ହୀନତା କାରଣରୁ କୌଣସି କାର୍ଯ୍ୟ କରିପାରୁ ନଥିବା ବେଳେ ସରକାରଙ୍କ ତରଫରୁ ରେସନ କାର୍ଡ଼ରେ ମିଳୁଥିବା ୫ କିଲୋ ଚାଉଳ ଭରସାରେ ଜୀବନ ଜିଉଁଛୁ, ଚାଉଳ ସରିଗଲେ ଅନ୍ୟମାନଙ୍କ ଠାରୁ ମାଗି ଯାଚି ନିଜ ଗୁଜୁରାଣ ମେଂଟାଉଥିବା କହିଛନ୍ତି । ତେବେ ଏପରି ଜଣେ ବୃଦ୍ଧ ଦୃଷ୍ଟିହୀନ ଦମ୍ପତି ଏ ପର୍ଯ୍ୟନ୍ତ ଆବାସ ଯୋଜନାରୁ କିପରି ବଂଚିତ ହୋଇ ରହିଲେ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ଚନ୍ଦ୍ରଶେଖରପୁର ପଂଚାୟତ ଓ ଚମ୍ପୁଆ ବ୍ଲକର ଆବାସ ଯୋଜନାରେ ଗୃହ ବଂଟନ ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଓ ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି ।

# ଆନନ୍ଦବଜାର ଶୃଙ୍ଖଳା ବୈଠକ: ଅବଢ଼ା ଦର ନେଇ ବାହାରିଲାନି ନିଷ୍କର୍ଷ



ପୁରୀ, ୧୪/୦୯ (ନି.ପ୍ର): ଆନନ୍ଦ ବଜାରରେ ଶୃଙ୍ଖଳା ନେଇ ଆଜି ପୁଣି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ଦର ନିର୍ଧାରଣ ନେଇ ନିଷ୍କର୍ଷ ବାହାରି ପାରି ନାହିଁ । ବାରମ୍ବାର ବୈଠକ ପରେ ମଧ ଅବଢ଼ା ଦର ଲଗାଇବା ନେଇ କୌଣସି ସିଦ୍ଧାନ୍ତରେ ପହଞ୍ଚିପାରୁନି ଶ୍ରୀମନ୍ଦିର ପ୍ରଶାସନ । ସୁଆର ମହାସୁଆର ନିଯୋଗ କୋର୍ କମିଟି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନଙ୍କ ସହ ପ୍ରଶାସନର ଅଧିକାରୀମାନେ ଆଜି ୧ ଘଣ୍ଟା ଧରି ଆଲୋଚନା କରିଥିଲେ ମଧ ଅବଢ଼ା ଦର ନିର୍ଦ୍ଧାରଣ ପ୍ରସଙ୍ଗ ଆଲୋଚନା ପରିସରକୁ ଆସିଲା ନାହିଁ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଆନନ୍ଦ ବଜାରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୁଆର ମହାସୁଆର ନିଯୋଗର ୬ ଜଣିଆ କମିଟିକୁ ସହଯୋଗ କରିବା ଲାଗି ସୁପରଭାଇଜର ବକ୍ସି ରାମଚନ୍ଦ୍ର ପ୍ରତିହାରୀଙ୍କ ତତ୍ତ୍ୱାବଧାନରେ ୨ ଜଣ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବା ନେଇ ନିଷ୍ପତ୍ତି ହୋଇଛି । ଆନନ୍ଦବଜାରର ସୌନ୍ଦର୍ଯ୍ୟୀକରଣ ପାଇଁ ଅବଢ଼ା ବିକ୍ରି ହେଉଥିବା ସ୍ଥାନରେ ଜରି ପାଲ ନଟାଣି ସେଡ୍ କରିବାକୁ ନିଷ୍ପତ୍ତି ହୋଇଥିଲା । ଶୁଦ୍ଧ ଓମ୍‌ଫେଡ୍ ଘିଅରେ ମହାପ୍ରସାଦ ପ୍ରସ୍ତୁତି ନେଇ ଜୋର ଦିଆଯାଇଥିଲା । ତେବେ ଓମ୍‌ଫେଡ୍ ଘିଅରେ ମହାପ୍ରସାଦ ପ୍ରସ୍ତୁତି ଦ୍ୱାରା ଅବଢ଼ା ଦର ଆହୁରି ବୃଦ୍ଧି କରିବାକୁ ପଡ଼ିବ ବୋଲି ସୁଆର ମହାସୁଆର କୋର କମିଟିର କିଛି ସଦସ୍ୟ କହିଥିଲେ । ଏହାବ୍ୟତୀତ ଭକ୍ତମାନେ ପାନୀୟ ଜଳ ପାଇଁ ଭୋଗୁଥିବା ସମସ୍ୟା ଦୂର ପାଇଁ ମଧ ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା । ଶୃଙ୍ଖଳା ଉପରେ ନଜର ରଖିବାକୁ ଆନନ୍ଦବଜାର ପରିସରକୁ ସିସିଟିଭି ଜରିଆରେ ନୀରିକ୍ଷଣ କରାଯିବ ବୋଲି ଆଲୋଚନା ହୋଇଥିଲା । ଗତ ଜୁଲାଇରେ ମହାପ୍ରସାଦ ଦର ତାଲିକା ଲାଗି ଏକ ସବ୍‌କମିଟି ଗଠନ ହୋଇଥିଲା । ସେଇ ସମୟରେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ କେବଳ ସୁପକାରମାନେ ମହାପ୍ରସାଦ ବିକ୍ରି କରିବେ । ଏହାର ତାଲିକା ସୁଆର ମହାସୁଆର ନିଯୋଗ ପ୍ରଦାନ କରିବ । ମାତ୍ର ବାରମ୍ବାର ଆଲୋଚନା ପରେ ମଧ ଅବଢ଼ା ଦର ତାଲିକା ନିର୍ଧାରଣ ହୋଇପାରୁନାହିଁ ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ଶୁକ୍ରବାର, ୧୫ ସେପ୍ଟେମ୍ବର, ୨୦୨୩

# ସୁଇମିଂରେ...



ଡିପ୍ରେସନ୍ ଆଜିର ଯୁବବର୍ଗଙ୍କ ପାଇଁ ସାଜିଛି ବିପଦ। ଯଦି ଠିକ୍ ସମୟରେ ଏହାର ଚିକିତ୍ସା କରା ନଯାଏ, ତେବେ ଖୁବ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଆପଣ ଚାହିଁଲେ ଡିପ୍ରେସନ ଦୂର କରିବା ପାଇଁ ବିଭିନ୍ନ ପ୍ରାକୃତିକ ଉପାୟର ସାହାଯ୍ୟ ନେଇପାରିବେ। ଏଇ ଯେମିତି ସୁଇମିଂ....

ଆମେରିକାନ ସେଣ୍ଟରସ୍ ଫର୍ ଡିଜିଜ୍ କଣ୍ଟ୍ରୋଲର ମନୋବିଜ୍ଞାନୀଙ୍କ କହିବାନୁସାରେ ୧୫ରୁର ୪୪ ବର୍ଷ ବୟସ୍କଙ୍କ ପାଖରେ ଡିପ୍ରେସନ ବେଶି ଦେଖା ଦେଇଥାଏ। ଡାକ୍ତରଙ୍କ କହିବାନୁସାରେ ଡିପ୍ରେସନ ଦୂର



କରିବା ପାଇଁ ଯଦି ଆପଣ ମେଡ଼ିସିନ୍ ଅପେକ୍ଷା ଶାରୀରିକ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତି। ତେବେ ଡିପ୍ରେସନରୁ ସହଜରେ ମୁକ୍ତି ପାଇପାରିବେ।

ଶାରୀରିକ ପରିଶ୍ରମ ଯେପରିକି ବିଭିନ୍ନ ପ୍ରକାର ଖେଳ, ବ୍ୟାୟାମ ଓ ସୁଇମିଂ ଆଦି। ସୁଇମିଂ ବ୍ୟାୟାମର ଭିନ୍ନ ଏକ ଅଂଶ। ଡାକ୍ତରମାନେ ସୁଇମିଂକୁ ହାଇଡ୍ରୋଥେରାପି ବୋଲି ମଧ୍ୟ କହିଥାନ୍ତି। ଏହା ଡିପ୍ରେସନ ଦୂର କରିବାର ଏକ ସହଜ ମାଧ୍ୟମ।

ଥଣ୍ଡା ଓ ଗରମ ପାଣି ଆମ ଶରୀରର, ମସ୍ତିଷ୍କ ଓ ମନୋଭାବ ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ।

- ଯୋଗ କରିବା ସମୟରେ ଯେପରି ମଣିଷ ଶରୀରର ମାଂସପେଶୀ ଏବଂ ନିଃଶ୍ୱାସ ପ୍ରଶ୍ୱାସ କାର୍ଯ୍ୟ କରିଥାଏ, ସେହିପରି ସୁଇମିଂ କରିବା ଦ୍ୱାରା ଆମର ଉଭୟ ହାତ ଗୋଡ଼ ଏବଂ ସମ୍ପୂର୍ଣ୍ଣ ଶରୀର କାର୍ଯ୍ୟ କରିଥାଏ। ଏହା ତାନ୍ତ୍ରିକ କୋଷିକାକୁ ସୁରକ୍ଷା ଦେବା ସହ ମସ୍ତିଷ୍କକୁ ଉତ୍ତେଜିତ କରିଥାଏ ଏବଂ ଏହା ଶରୀରକୁ ଏଣ୍ଡୋପେନ୍ (ଶରୀରରେ ହେଉଥିବା ପ୍ରାକୃତିକ କଷ୍ଟ) ଏବଂ ଚିନ୍ତାକୁ କମ୍ କରୁଥିବା ହରମୋନକୁ ବାହାର କରିଥାଏ।
- ସୁଇମିଂକୁ ଆମେ ହାଲକା ବ୍ୟାୟାମ ବୋଲି କହିପାରିବା। ଗଣ୍ଠିରେ କଷ୍ଟ ଅନୁଭବ ହେଉଥିଲେ ଏବଂ କୌଣସି ଜାଗାରେ ଆଘାତ ଲାଗିଥିଲେ ଡାକ୍ତରଙ୍କ ପରାମର୍ଶ ନେଇ ଆପଣ ସୁଇମିଂ କରିପାରିବେ। ଏହା ଶରୀର ଉପରେ କୌଣସି ପ୍ରକାର ନକାରାତ୍ମକ ପ୍ରଭାବ ପକାଇପାରିବ ନାହିଁ। ଶରୀର ଏବଂ ମସ୍ତିଷ୍କକୁ ସନ୍ତୁଳିତ ରଖିବା ପାଇଁ ହାଇଡ୍ରୋଥେରାପିର ବ୍ୟବହାର କରାଯାଇଥାଏ। ଏହା ଅବସାଦରୁ ଦୂରେଇ ରଖିବାରେ ସହାୟକ ହୁଏ। ଥଣ୍ଡା ପାଣି ଉପଚାର କଲେ ମନର ସକାରାତ୍ମକ ଶକ୍ତି ବୃଦ୍ଧି ପାଇବା ସହ ଅବସାଦ ଦୂର ହୋଇଥାଏ। ଗାଧୋଇବା ସମୟରେ ପାଣିରେ କିଛି ସମୟ ବୁଡ଼ି ରହିଲେ ଏହା ମନ ସହିତ ମସ୍ତିଷ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଯେତେବେଳେ ଆପଣ ବେଶୀ ଚିନ୍ତାଗ୍ରସ୍ତ ହୋଇପଡ଼ିଥିବେ, ଯେତେ ସମ୍ଭବ ଥଣ୍ଡା ପାଣି ଥିବା ସୁଇମିଂ ପୁଲରେ କିଛି ସମୟ ପାଇଁ ସୁଇମିଂ କରିବା ଦ୍ୱାରା ଶରୀରରେ ପ୍ରବାହିତ ରକ୍ତ ସତେଜ ହୋଇଥାଏ। ଯାହା ଆପଣଙ୍କ ମନ ଓ ମସ୍ତିଷ୍କରେ ସକାରାତ୍ମକ ମନୋଭାବକୁ ବଢ଼ାଇଥାଏ।

# ଉଚ୍ଚତା କମାଏ ତାପମାତ୍ରା



ଏପର୍ଯ୍ୟନ୍ତ ସାରା ବିଶ୍ୱରେ ଗ୍ଲୋବାଲ ୱାମିଂଗର କୁପ୍ରଭାବ ବିଷୟରେ ଶୁଣିଥିଲେ। କିନ୍ତୁ ଏବେ ଏହା ସହଜଡ଼ିତ ଥିବା ଅନେକ ତଥ୍ୟ ସାମ୍ନାକୁ ଆସିଛି। ଗବେଷକଙ୍କ କହିବାନୁସାରେ, ଯଦି ସାଧାରଣ ତାପମାତ୍ରା ଅନୁପାତ କିଛି ଗୁଣ ବଢ଼ିଯାଏ,ତେବେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଉଚ୍ଚତା ଅପେକ୍ଷାକୃତ ଭାବେ କମିବାରେ ଲାଗିବ। ଏହି ପରିବର୍ତ୍ତନ ମନୁଷ୍ୟମାନଙ୍କ ଠାରେ ମଧ୍ୟ ପରିଲକ୍ଷିତ ହେବ। ଏହା ୟୁନିର୍ଭିଟି ଅଫ ମେସିଗନ ଓ ୟୁନିଭର୍ସିଟି ଅଫ୍ ନ୍ୟୁ ହେମ୍ପାସାୟାରର ଏକ ରିପୋର୍ଟରୁ ଜଣାପଡ଼ିଛି। ୫.୩୭ କୋଟି ବର୍ଷ ପୂର୍ବେ ତାଳପମାତ୍ରା ସାଧାରଣ ତାରରପମାତ୍ରା ଠାରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବଢ଼ିଯାଇଥିଲା। ଏହା ୧.୮୦ ଲକ୍ଷ ବର୍ଷ ପର୍ଯ୍ୟନ୍ତ ସେପରି ହିଁ ରହିଥିଲା। ସେହି ସମୟରେ ପଶୁମାନଙ୍କର ଶରୀରର ଉଚ୍ଚତା ସାଧାରଣ ଉଚ୍ଚତା ଠାରୁ୧ ୪ ପ୍ରତିଶତ କମିଯାଇଥିଲା। ଜୀବାଣୁ ଅଧ୍ୟୟନରେ ଗବେଷକମାନେ ଆମେରିକାର ବିଗହାର୍ଣ୍ଣୟ ବେଶିନରେ ମିଳିଥିବା ପ୍ରାଣୀମାନଙ୍କ ଜୀବାଶଷ୍ମ ଉପରେ ପରୀକ୍ଷା କରିଥିଲେ। ଏଥିରେ ଘୋଡ଼ା, ଗାଈ, ଖଣ୍ଡା ଓ ମାଙ୍କଡ଼ଙ୍କ ପୂର୍ବ ପ୍ରଜାତିକୁ ସାମିଲ କରାଯାଇଥିଲା। ଏହି ଅଧ୍ୟୟନ ଦ୍ୱାରା ସେହି ପ୍ରାଣୀମାନଙ୍କର ଖାଦ୍ୟପେୟର ସୂଚନା ମିଳିଥିଲା। ଏଥିରୁ ସେମାନଙ୍କର ଉଚ୍ଚତା ସମ୍ପର୍କରେ ଜଣାପଡ଼ିଥିଲା। ଘୋଡ଼ା ପୂର୍ବଜମାନଙ୍କର ଉଚ୍ଚତା ୧୪ ପ୍ରତିଶତ କମିବାସ ହିତ ୮ କିଲୋଗ୍ରାମ ଓଜନ ମଧ୍ୟ କମିଥିଲା। ଏହାର ପ୍ରଭାବ ମନୁଶ୍ୟମାନଙ୍କ ଉପରେ ମଧ୍ୟ ପଡ଼ିଥିଲା। ଗ୍ଲୋବାଲ ୱାମିଂ ଦ୍ୱାରା ଜଙ୍ଗଲଜାତୀୟ ଦ୍ରବ୍ୟ ଓ ଖାଦ୍ୟ ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥିଲା। ଯଦ୍ୱାରା ଆହାର କାମ ମିଳୁଥିଲା। ଏହାଯୋଗୁଁ ପଶୁମାନେ କମ ଖାଦନ୍ୟରେ, ନିଜର ଗୁଜୁରାଟ ମେଣ୍ଟାଉଥିଲେ। ଧୀରେ ଧୀରେ ସେହି ପବ୍ରାଣୀମାନେ ନିଜକୁ ସେହି ପରିସ୍ଥିତି ସହ ଖାପଖୁଆଇ ଚଳିଥିଲେ।

# ଡେସ୍କ କହିବ ଆପଣ କେମିତି

ପୁରୁଷ ହୁଅନ୍ତୁ କି ମହିଳା, କର୍ମକ୍ଷେତ୍ରରେ ସେମାନେ ନିଜର ଡେସ୍କକୁ କିଭଳି ସଜାନ୍ତି, ସେଥିରୁ ସେମାନଙ୍କର ବ୍ୟକ୍ତିତ୍ୱ ବା ସ୍ୱଭାବ ସମ୍ପର୍କରେ ବହୁତ କିଛି ଜାଣିହୁଏ। ୱାର୍କପ୍ଲେସରେ ସେମାନଙ୍କର ଡେସ୍କକୁ ଦେଖି ପରିଚାଳନା କର୍ତ୍ତୃପକ୍ଷ ସେମାନଙ୍କ ବିଷୟରେ ଜାଣିପାରନ୍ତି ଏବଂ ସେହି ଅନୁସାରେ ସେମାନଙ୍କର ବ୍ୟକ୍ତିତ୍ୱ ପରିବର୍ତ୍ତନ ପାଇଁ ଉତ୍ସାହିତ କରିଥାନ୍ତି।



ସୁବ୍ୟବସ୍ଥିତ ଡେସ୍କ: ଯଦି ଆପଣ ଡେସ୍କରେ କ୍ୟାଲେଣ୍ଡର ରଖିଛନ୍ତି ଏବଂ ଲ୍ୟାପଟପ କିମ୍ବା ଡେସ୍କଟପରେ କାମ କଲାବେଳେ ଭଲ ଭାବରେ ତାହାକୁ ଦେଖି ପାରୁଛନ୍ତି। ଆପଣଙ୍କୁ କୌଣସି ତାରିଖ ବିଷୟରେ ଜାଣିବାର ଅଛି ତୁରନ୍ତ ଆପଣଙ୍କ ନଜର କ୍ୟାଲେଣ୍ଡର ଉପରେ ପଡୁଛି। ଆପଣଙ୍କ ଠିକ୍ ସାମ୍ନାରେ ଥିବା ପିନବୋର୍ଡ଼ରେ ଦିନ ସାରାର କାମ ତାଲିକା ଲଗାଇଛନ୍ତି ଓ ଯେଉଁ କାମ ଶେଷ ହେଉଛି ତାହା ଉପରେ ତୁରନ୍ତ ଠିକ୍ ଚିହ୍ନ ହେଉଛନ୍ତି, ତା'ହେଲେ ଆପଣ ନିଜ କାମକୁ ଠିକ୍ ଭାବରେ କରୁଛନ୍ତି ବୋଲି ଅନ୍ୟମାନେ ଧରିନେବେ। ଆପଣଙ୍କ ଫାଇଲରେ ପୂର୍ବ ମିଟିଂର ସମସ୍ତ ବିବରଣୀ ଏବଂ ଆଗକୁ ହେବାକୁ ଥିବା ମିଟିଂ ସମ୍ପର୍କୀୟରେ ଠିକ୍ ତଥ୍ୟ ମହଜୁଦ ରହୁଛି। ଆପଣଙ୍କ ପାଖରେ ଗୋଟିଏ ଦୁଇଟି ଅଧିକ ପେନ୍, ଷ୍ଟାପଲର ପିନ, ଷ୍ଟାମ୍ପପ୍ୟାଡ଼, ଫାଇଲ୍ ବା ଅନ୍ୟ କୌଣସି ଅଫିସ୍ ଷ୍ଟେସନାରୀ ରହୁଛି ଏବଂ କୌଣସି ସହକର୍ମୀ ତାହାକୁ ମାଗିବା ମାତ୍ରେ ଆପଣ ବଢ଼େଇ ଦେଉଛନ୍ତି, ତା'ହେଲେ ଆପଣ ଦାୟିତ୍ୱବାନ, ବିଶ୍ୱାସଯୋଗ୍ୟ ବ୍ୟକ୍ତି ଭାବରେ ଗଣାହେବେ। ଯେଉଁ କାମ ଆପଣଙ୍କୁ ଦିଆଯାଇଛି ତାହାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆପଣ ଶେଷ କରୁଛନ୍ତି, ତରତର ହୋଇ ଭୁଲ୍ କରୁନାହାନ୍ତି ଏବଂ କାମ ଶେଷକରି ନପାରିଲେ କୌଣସି ପ୍ରକାର ବାହାନା କରୁନାହାନ୍ତି, ତେବେ ଆପଣ ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ କର୍ମଚାରୀ ଭାବେ ଉପରିସ୍ଥ ଅଧିକାରୀଙ୍କ ବିଶ୍ୱାସଭାଜନ ହେବେ।

ବ୍ୟକ୍ତିତ୍ୱର ଆଇନା: ଏମିତି ଅନେକ ଜିନିଷ ଅଛି, ଯାହାକୁ ଡେସ୍କରେ ରଖିବା ଦ୍ୱାରା ଅପାଣ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ବୋଲି ବାରି ହୋଇପଡ଼ିବେ। ସାମ୍ନା ପିନବୋର୍ଡ଼ରେ ନିଜ ହାତଅଙ୍କା ଛବିଟିଏ ଟଙ୍ଗେଇଛନ୍ତି ବା କେଉଁଠୁ କିଛି କଟଆଉଟ୍ ବାହାର କରି ପିନବୋର୍ଡ଼ରେ ଆଟାଚ୍ କରିଛନ୍ତି ତା'ହେଲେ ଆପଣଙ୍କ ଡେସ୍କ, ପିନବୋର୍ଡ଼ ସୁନ୍ଦର ଲାଗିବ। ଆପଣଙ୍କ ଡେସ୍କ ଅନ୍ୟମାନଙ୍କୁ ଆପଣଙ୍କ ଆଡ଼କୁ ଆକର୍ଷିତ କରିବା ସହିତ ନିଆରା ଭାବରେ ପରିଚିତ କରେଇଦେବ। ଯାହା ପ୍ରମାଣିତ କରିବ ଆପଣ କେତେ ରଚନାତ୍ମକ ଆପଣଙ୍କ ଭିତରେ ସୃଜନଶୀଳତା ରହିଛି ଓ ବହୁମୁଖୀ ପ୍ରତିଭାର ଅଧିକାରୀ ଆପଣ। ନିଜ ବିଚାରକୁ ନିଃସଙ୍କୋଚରେ ଆପଣ ଅନ୍ୟମାନଙ୍କ ଆଗରେ ଖୋଲି କହିପାରନ୍ତି।

ପ୍ରେରଣାଦାୟୀ ବାର୍ତ୍ତାରେ ଭରପୂର: ଅଫିସ୍ ଆରମ୍ଭରେ ସହକର୍ମୀମାନେ ଆପଣଙ୍କୁ 'ହାଏ', 'ଗୁଡ଼ ମର୍ଣ୍ଣିଂ', ନମସ୍କାର ଆଦି କହି ସ୍ୱାଗତ ସମ୍ଭାଷଣ ଜଣାଇଥାନ୍ତି। ଏହି ସମୟରେ ଆପଣ ଡେସ୍କରେ ସଜେଇ ରଖିଥିବା 'ନେଭର୍ ଗିଭଅପ୍' ପୋଷ୍ଟରଟି ତାଙ୍କ ଦୃଷ୍ଟିରେ ପଡ଼ିବା ଦ୍ୱାରା ସେମାନଙ୍କ ଦୃଷ୍ଟିରେ ଆପଣଙ୍କ ସମ୍ମାନ ବଢ଼ିଥାଏ। ଆପଣ ପ୍ରତ୍ୟେକ ଦିନ ଇଣ୍ଟରନେଟ, ବିଭିନ୍ନ ମାଗାଜିନ, ଖବରକାଗଜ, ମହାପୁରୁଷ, ପ୍ରେରଣାଦାୟୀ ବକ୍ତା (ମୋଟିଭେସନାଲ ସ୍ପିକର୍) କହିଥିବା ବିଭିନ୍ନ ପ୍ରେରଣାଦାୟକ ବାର୍ତ୍ତାର ପ୍ରିଣ୍ଟ ଆଉଟ୍ ବାହାର କରି ପିନବୋର୍ଡ଼ରେ ଲଗାଉଛନ୍ତି। ସେହିସବୁ ପ୍ରେରଣାଦାୟକ, ଉତ୍ସାହପ୍ରଦ ବାର୍ତ୍ତା ପଢ଼ି ଆପଣଙ୍କ ଭିତରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହେବା ସହିତ ତାହା ଅନ୍ୟମାନଙ୍କୁ ମଧ୍ୟ ପ୍ରେରିତ କରିଥାଏ। ୱାର୍କିଂ ଡେସ୍କରେ ପ୍ରତ୍ୟେକ ଦିନ ନୂଆ ନୂଆ ପ୍ରେରଣାଦାୟକ ସନ୍ଦେଶ ପିନବୋର୍ଡ଼ରେ ପିନଅପ କରିବା ବ୍ୟକ୍ତି ଖୁବ ସକାରାତ୍ମକ ହୋଇଥାନ୍ତି। ଏଭଳି ବ୍ୟକ୍ତି ସର୍ବଦା ନିଜେ ଖୁସିରେ ରହିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଖୁସି ବାଣ୍ଟିଥାନ୍ତି। ଏମାନେ ସକାରାତ୍ମକ ଆତ୍ମବିଶ୍ୱାସ ହେବା ପାଇଁ ସହକର୍ମୀମାନଙ୍କୁ ଉତ୍ସାହିତ କରିଥାନ୍ତି।



## କି-ବୋର୍ଡ଼ ହିଟର

ନିକଟରେ ବଜାରକୁ ଆସିଛି ଏକ ଭଗିନ୍ନ ଧାଣର କିବୋର୍ଡ଼ୋ ଏହାକୁ ଡେନମାର୍କର ସର୍ଟର୍ଯାପ ଇନବାବୋପ୍ରସ୍ତୁତ କରିଫନ୍‌ପତି। ସେ ଏହି କିବୋଡ଼ର ନାମ ରଖିଛନ୍ତି ହଟି ବଫ୍। ଯାହକୁ ବ୍ୟବହାର କରୁଥିବା ବ୍ରକତି୍ର ଆଙ୍ଗୁଠି ସହଜରେ ଟାଇପ କରିବାରେ ସକ୍ଷମ ହୋଇପାରିବ। ଏହି କି-ବୋର୍ଡ଼ ହିଟର ଦ୍ୱାରା ଅଙ୍ଗୁଠି ଉପରେ ଅଧିକ ଚାପ ନପଡ଼ିବା ସହ ଆଙ୍ଗୁଠିକୁ ଉଷ୍ମତା ଯୋଗାଇବ। ଏଥିରେ କ୍ଷୁଦ୍ର ଇନଫାରେଡ଼ ତରଙ୍ଗର ବ୍ୟବହର କରାଯାଇଛି। ଯେଉଁଥିପାଇଁ ଟାଇପିଂ ସମୟରେ ଆଙ୍ଗୁଠିକୁ ଉଷ୍ମତା ଓ ଆରାମ ମିଳିଥଶଏ। ଏହାର ମୂଲ୍ୟ ୬୫୦୦ଟଙ୍କା ରଖାଯାଇଛି। ଏହା ବିଶେଷକରି କମ୍ପ୍ୟୁଟର ଓ ଏ୍ୟାରପଣକୁକୁ ବ୍ୟବହାର ରହୁଥିବା ବ୍ୟକ୍ତିଙ୍କ ପାଇଁ ଅଧିକ ଉେପଯୋଗୀ।

# ସମ୍ବେଦନଶୀଳ ମନୋଭାବ



ନିଜକୁ ଚିହ୍ନିବା ସମ୍ପର୍କରେ ଆମେ ପୂର୍ବ ପ୍ରକାଶିତ ଲେଖା ଗୁଡ଼ିକରେ ବିଶଦ ଭାବେ ଆଲୋଚନା କରିଛୁ। ନିଜକୁ ଚିହ୍ନିବାରେ ବିଭିନ୍ନ ପ୍ରଣାଳୀ ଗୁଡ଼ିକ ସହିତ ନିଜକୁ ଚିହ୍ନିବାର ଆବଶ୍ୟକତା ତଥା ଉପକାରିତା ବିଷୟରେ ଆପଣମାନଙ୍କୁ ଅବଗତ କରାଇଆସିଛୁ। ନିଜକୁ ଚିହ୍ନିଲେ ହିଁ ଅନ୍ୟକୁ ଚିହ୍ନିବାଟା ସହଜ ହୋଇପାରିବ।

ମନରେ ଆଘାତ: ଆମେ ସମସ୍ତେ ଭାବପ୍ରବଣ। ଆମ ହୃଦୟକୁ କଷ୍ଟ ହେଲାପରି କଥା ପଦେ ଅନ୍ୟ କେହି କହିଲେ ଆମ ମନରେ କଷ୍ଟହୁଏ। ଆଖିରୁ ଲୁହ ଗଡ଼ିଆସେ। ମୁହଁ ଶୁଖିଯାଏ। ମାନସିକ ଅଶାନ୍ତିରେ ମନ ଭାଙ୍ଗିପଡ଼େ। କାମ କରିବାକୁ ଇଚ୍ଛା ହୁଏନି। ମନରେ ଯାବତୀୟ ନକାରାତ୍ମକ ଭାବନା ସୃଷ୍ଟି ହୁଏ। ଆମେ ସମସ୍ତେ ଏହିପରି ଅନେକ ଘଟଣାର ସମ୍ମୁଖୀନ ହୋଇଛେ।

ଏହି ଅନୁଭୂତି ଆହୁରି ଗୁରୁତର ହୋଇ ଉଠେ ଯେତେବଳେ ଆମର ଅତି ଆପଣାର କେହି ଜଣେ ଆମ ମନରେ କଷ୍ଟଦେଲା ପରି କଥା କୁହନ୍ତି ଅବା କାମ କରନ୍ତି। ବିଶ୍ୱାସରେ ଧୋକା ଅବା ପରୋକ୍ଷରେ କ୍ଷତି କଲାପରି ମନ୍ଦ ଉଦ୍ଦେଶ୍ୟରେ କାମ କରିଥାନ୍ତି। ଆପଣାର ଲୋକମାନଙ୍କ ପାଖରୁ ଆମେ ସବୁବେଳେ ସ୍ନେହ, ଶ୍ରଦ୍ଧା ତଥା ମନକୁ ସୁହାଇଲା ପରି କଥା ଅବା କାମ ଆଶା କରିଥାଉ। କିନ୍ତୁ ତା'ର ଠିକ ବିପରୀତ କାମଟିଏ କିଏ ଯଦି କରେ ତେବେ ଆମର ସବୁ ସୁଖ ଦୁଃଖରେ ପରିଣତ ହୋଇଯାଏ। ସେ ସବୁ ଲୁହ ହୋଇ ବୋହିଯାଏ। ସବୁ ଆଲୁଅ ଅନ୍ଧାର ପାଲଟିଯାଏ। ଜୀବନଟା ଲାଗେ ବିଷମୟ। ସାଥୀଟିଏ ଲୋଡ଼ା: ଆମ ମନର ଏହି ଘଡ଼ିସନ୍ଧି ସମୟରେ ଆମେ ସାଥୀଟିଏ ଚାହୁଁ ଯାହା ପାଖରେ ଆମେ ମନର ଦୁଃଖକୁ ଖୋଲି କହିପାରିବା। ନିଜ ମନର ଭାବନା, ଅନୁଭବ, ବେଦନା ଓ କୋହକୁ ସେହି ବ୍ୟକ୍ତି ପାଖରେ ଆଶା ଓ ବିଶ୍ୱାସର ସହିତ ବାଣ୍ଟିପାରିବା। ଯିଏକି ଶ୍ରଦ୍ଧା, ସ୍ନେହ ଓ ଧୈର୍ଯ୍ୟର ସହିତ ଆମକଥା ଶୁଣିବ। ମନଧ୍ୟାନ ଦେଇ ଆଗ୍ରହର ସହିତ ଆପଣାର ପରି କଥାକୁ ବୁଝିବ ଓ ଅନୁଭବ କରିବ। ଆମ ଆଖିର ଲୁହକୁ ତଥା ହୃଦୟର ବ୍ୟଥାକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରିବ। ଆମ ଲୁହକୁ ଦେଖି ତା ଆଖିରେ ବି ଲୁହ ଆସିଯିବ। ସବୁକିଛିରେ ସହଭାଗୀ ହୋଇ ସେ ସମବେଦନା ଜଣାଇବ। ଆପଣାର କରିନେବ ଆମ ଦୁଃଖ, ଭାବନା, ଲୁହ ଓ ଆବଗେକୁ ଏହାହିଁ ସମ୍ବେଦନଶୀଳ ମନୋଭାବ।

ସ୍ୱାର୍ଥପରତା: ଅନ୍ୟଜଣେ କେହି ଆମକୁ ବୁଝନ୍ତୁ ବୋଲି ଆମେ ଯେମିତି ଚାହୁଁ ଠିକ୍ ସେହିପରି ଅନ୍ୟମାନେ ବି ଆମଠାରୁ



ସମାନ ବ୍ୟବହାର ଆଶା କରିଥାନ୍ତି। ଏହାହିଁ ମଣିଷ ଜୀବନର ବାସ୍ତବ ସତ୍ୟ। ଆଶ୍ଚର୍ଯ୍ୟର କଥା କହିଲେ ଭୁଲ୍ ହେବନି ଯେ ଅଧିକାଂଶ ଲୋକଙ୍କ ପାଖରେ ଧୈର୍ଯ୍ୟ ବା ଆଗ୍ରହ ନଥାଏ ଅନ୍ୟ କାହାର ଦୁଖକଷ୍ଟ ଶୁଣିବାକୁ। କିନ୍ତୁ ନିଜର ଦୁଃଖ ସମୟରେ ସେହି ବ୍ୟକ୍ତି ଅନ୍ୟମାନଙ୍କ ଠାରୁ ସମବେଦନା ହିଁ ଆଶା କରିଥାଏ।

ଗୋଷ୍ଠୀ ଜୀବନ: ସମ୍ବେଦନଶୀଳ ମନୋଭାବ ଏକ ଉଚ୍ଚକୋଟୀର ମାନବୀୟ ଗୁଣ। ଏହା ଆମ ଜୀବନର ଏକ ବିଶେଷ ଦକ୍ଷତା। ସାମାଜିକ ପ୍ରାଣୀ ହିସାବରେ ଆମେ ଏକ ଗୋଷ୍ଠୀ ଜୀବନଯାପନ କରିଥାଏ। ପରସ୍ପର ସାହାଯ୍ୟ, ସହଯୋଗ, ସ୍ନେହ ଶ୍ରଦ୍ଧା ନମିଳିଲେ ଆମେ ସୁଖ, ଶାନ୍ତିରେ ରହିପାରିବ ନାହିଁ। ଜୀବନରେ ଯେତେ ଯାହା ସଫଳତା ମିଳିଲେ ମଧ୍ୟ ସୁଖଶାନ୍ତି ଓ ଆନନ୍ଦରେ ରହିବା ପାଇଁ ସମସ୍ତଙ୍କ ସହ ସହଭାଗୀ ହେବା ଜରୁରି। ପରସ୍ପର ପ୍ରତି ସମ୍ବେଦନଶୀଳତା ହିଁ ସଫଳଜୀବନର ମାପକାଠି। ସଦଭାବନା, ସତକର୍ମ କେବଳ ସତସଙ୍ଗରୁ ମିଳିଥାଏ।। ସମ୍ବେଦନଶୀଳତା ଏପରି ଏକ ମାନବିକ ଗୁଣ ଯାହାକି ପ୍ରତ୍ୟେକ ବ୍ୟକ୍ତି ପାଖରେ ରହିବା ଆବଶ୍ୟକ। ଦକ୍ଷତାର ବିକାଶ ଓ କାର୍ଯ୍ୟକାରିତା ହିଁ ଆମ ଜୀବନର ସବୁ ବାଧାବବିଘ୍ନ ଓ ଅବସାଦକୁ ଦୂର କରିପାରିବ। ଏହା ଏକ ସାଧନା। ସାଧନା କଲେ ହିଁ ସିଦ୍ଧି ସମ୍ଭବ ହେବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅସହିଷ୍ଣୁତା...

ଏପରି ଅନେକ ଲୋକ ଅଛନ୍ତି ଆମ ସମାଜରେ ଯେଉଁମାନେ ଅନ୍ୟର ଦୁଃଖରେ ଦୁଃଖୀ ହେବାର ବାହାନା କରନ୍ତି ; ଅଥଚ ନିଜ ଭିତରେ ସେମାନେ ସୁଖ ଅନୁଭବ କରିଥାନ୍ତି । ଆଉ ଏଇ ମନୋଭାବ ସାଧାରଣତଃ ଅଧିକ ଦେଖିବାକୁ ମିଳିଥାଏ ରାଜନୀତି ପରିସରରେ । ଦୀର୍ଘ ଦିନ ପର୍ଯ୍ୟନ୍ତ କ୍ଷମତାରେ ରହିଥିବା ଯେ କୌଣସି ପ୍ରଖ୍ୟାତ ରାଜନେତା ତାଙ୍କର ରାଜନୀତିକ କ୍ୟାରିଅରରେ ଅନେକ କିଛି କାମ କରିଥାନ୍ତି। ପରନ୍ତୁ ସେ ଯେତେବେଳେ ଆଇନର କୌଣସି ପ୍ରକାରର ଚୋଟ ଖାଇ ନଥାନ୍ତି ଏବଂ କ୍ଷମତାରୁ ଯିବା ପରେ ତାଙ୍କ କର୍ମ ଯୋଗୁଁ ହେଉ ବା ଭାଗ୍ୟ ଦୋଷରୁ ତାଙ୍କୁ ସେହି ଚୋଟ ଖାଇବାକୁ ହୁଏ, ଏମିତିକି ସେ ନିଜେ ମଧ୍ୟ ତିଆରି କରିଥିବା ଆଇନର, ସେତେବେଳେ ଅନେକ ଲୋକ, ବିଶେଷକରି ତାଙ୍କର ବିରୋଧୀମାନେ ବେଶ୍ ଖୁସି ଅନୁଭବ କରିଥାନ୍ତି । ସାମ୍ପ୍ରତିକ ସମୟର ଭାରତୀୟ ରାଜନୀତିରେ ଏଭଳି ଦୃଶ୍ୟମାନ ପ୍ରାୟତଃ ଦେଖିବାକୁ ମିଳୁଛି– କ୍ଷମତାରୁ ଯିବା ପରେ ବିରୋଧୀ ଦଳରେ ରହିଥିବା ନେତାମାନଙ୍କ ବିରୁଦ୍ଧରେ ଦୁର୍ନୀତି ଓ ଦୁରାଚାରର ଅଭିଯୋଗ ଅଣାଯାଇ ସେମାନଙ୍କୁ କାରାଗାରରେ ନିକ୍ଷେପ କରାଯାଉଛି, ଯେମିତି ଏବେ କରାଯାଇଛି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ନେତା ନାରା ଚନ୍ଦ୍ରବାବୁ ନାଇଡୁଙ୍କ କ୍ଷେତ୍ରରେ । ଏହି ରାଜ୍ୟରେ ସମ୍ପ୍ରତି ଶାସନ କ୍ଷମତାରେ ଥିବା ଯୁବଜନ ଶ୍ରମିକ ରାଇଥି କଂଗ୍ରେସ (ୱାଇଏସ୍‌ସି) ପାର୍ଟି ଏବଂ ଟିଡିପି ମଧ୍ୟରେ ଶତ୍ରୁତା ଚରମ ସୀମାରେ ପହଞ୍ଚି ଥିବା ଯୋଗୁଁ ଚନ୍ଦ୍ରବାବୁ ନାଇଡୁଙ୍କ ବିରୁଦ୍ଧରେ ଆନ୍ଧ୍ରପ୍ରଦେଶ ସିଆଇଡି ୨୦୧୪ରେ ରାଜ୍ୟରେ ଆନ୍ଧ୍ରପ୍ରଦେଶ ଦକ୍ଷତା ବିକାଶ ନିଗମ (ଏପିଏସ୍‌ସି) ନାମରେ ସଂସ୍ଥା ଗଠନ କରି ଦୁର୍ନୀତି କରିଥିବାର ଗୁରୁତର ଅଭିଯୋଗ ଆଣି ତାଙ୍କୁ ଗିରଫ କରିଥିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀଯୁକ୍ତ ନାଇଡୁଙ୍କ ଗିରଫଦାରୀ ସ୍ୱାଭାବିକ ଭାବରେ ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସୃଷ୍ଟି କରିଛି- ତାଙ୍କୁ ଗିରଫ କରାଯିବା ସମ୍ପୂର୍ଣ୍ଣ ଭାବରେ ରାଜନୀତିକ ବିଚାରଧାରା ଦ୍ୱାରା ପରିଚାଳିତ ଏବଂ ଏହା ଏକ ଷଡ଼ଯନ୍ତ୍ର ବା ଶତ୍ରୁତାର ପରିଣତି କି, ଏବଂ ଏହା ଗିରଫ ହୋଇଥିବା ନେତାଙ୍କ ପାଇଁ ରାଜ୍ୟବାସୀଙ୍କ ମଧ୍ୟରେ ସହାନୁଭୂତି ସୃଷ୍ଟି କରି ଆଗାମୀ ନିର୍ବାଚନରେ ତାଙ୍କର ବିଜୟକୁ ସୁନିଶ୍ଚିତ କରାଇବ କି ? ଶ୍ରୀଯୁକ୍ତ ନାଇଡୁଙ୍କ ଗିରଫ ଦିଗରେ ପଥ କଢ଼ାଇ ନେଇଥିବା ଘଟଣାଗୁଡ଼ିକର ସମାହାର ଗତ ଶୁକ୍ରବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଥିଲା । ଆଉ ଏହି ଗିରଫଦାରୀର ସମୟ ସହିତ ସଡ଼କରେ ଅନେକ କିଛି ନାଟକ କରାଯିବା ପରେ ତଥା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମଗୁଡ଼ିକରେ ବେଶ୍ ହଇଚଇ ସୃଷ୍ଟି ହେବା ଭିତରେ ତାଙ୍କୁ ଏପିସିଆଇଡି କୋର୍ଟରେ ହାଜର କରାଇ ଥିଲା । କୋର୍ଟ ଶ୍ରୀଯୁକ୍ତ ନାଇଡୁଙ୍କୁ ୧୪ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ ଆଉ ଶେଷରେ ଏହା ତାଙ୍କର ଜେଲ୍ ଯିବା ପଥକୁ ସୁଗମ କରିଥିଲା। ତାଙ୍କ ବିରୋଧରେ ଅଭିଯୋଗ- ଏପିଏସ୍‌ସି ଗଠନ କରି ସେ ୩୭୧ କୋଟି ଟଙ୍କା ଚଳୁ କରିଛନ୍ତି ବୋଲି ଏପିସିଆଇଡି ଉଲ୍ଲେଖ କରିଛି, ଯାହାକି ତାଙ୍କୁ ଗିରଫ କରିଛି। ଆଉ ମାତ୍ର ଅଳ୍ପ କିଛି ମାସ ପରେ ରାଜ୍ୟ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଥିବା ବେଳେ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯିବା ରାଜ୍ୟ ତଥା ଦେଶରେ ଆଲୋଚନାର ବିଷୟବସ୍ତୁ ପାଲଟିବା ସ୍ୱାଭାବିକ । ରିପୋର୍ଟ ଅନୁସାରେ, ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ଟିଡିପି କ୍ଷମତାକୁ ଆସିବା ପରେ ୨୦୧୪ରେ ଏପିଏସ୍‌ସି ପ୍ରତିଷ୍ଠା କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ରାଜ୍ୟର ଯୁବ ପିଢ଼ିଙ୍କୁ ପ୍ରଶିକ୍ଷିତ ଏବଂ କୁଶଳୀ କରିବା, ଯେଉଁଥିପାଇଁ ମୋଟ ବ୍ୟୟ ବରାଦର ପରିମାଣ ଥିଲା ହାରାହାରି ୩,୩୫୬ କୋଟି ଟଙ୍କା। ତେବେ ଦୁର୍ନୀତିର ଭାଗିଦାରମାନେ ସବୁ ଅର୍ଥ ଚଳୁ କରି ଦେଇଥିଲେ, ଏମିତିକି ଚଞ୍ଚକତା କରି ସରକାରଙ୍କୁ ପ୍ରଦାନ କରାଯିବାକୁ ଥିବା ଟିକସ ଅର୍ଥକୁ ମଧ୍ୟ ତୋଷରପାତ କରିଥିଲେ ବୋଲି ଅଭିଯୋଗ ହୋଇଛି। ସେମାନଙ୍କ ପକ୍ଷରେ ଏହି ବିଚାରର ଭୁଲ୍ କାର୍ଯ୍ୟ, ସମ୍ଭବତଃ ଉଦ୍ଦେଶ୍ୟମୂଳକ ଭାବରେ ନୁହେଁ, ସବୁକିଛିକୁ ଉନ୍ମୋଚନ କରି ଦେଇଥିଲା, ଯେତେବେଳେ ସାମଗ୍ରୀ ଓ ସେବା ଟିକସ (ଜିଏସ୍)ର ଗୁଇନ୍ଦା ବିଭାଗ ଜାଣିବାକୁ ପାଇଥିଲା ଯେ ଉପରୋକ୍ତ ଚୁକ୍ତି କରିଥିବା କମ୍ପାନୀ, ଯାହାକି ଜର୍ମାନୀର ଏକ ପ୍ରସିଦ୍ଧ ପ୍ରଯୁକ୍ତି କମ୍ପାନୀ ସିମେନ୍‌ସ ସହିତ ମିଳିତ ଭାବରେ କାମ କରୁଥିବା ଭଳି କଥା କହିଛି, ତାହା ଜାଲିଆତି କରି ସବୁ ଅର୍ଥ ଚଳୁ କରି ଦେଇଥିଲା । ରାଜ୍ୟ ତଦନ୍ତକାରୀ ସଂସ୍ଥାମାନେ ଆହୁରି ମଧ୍ୟ ଅଭିଯୋଗ ଉଠାଇଛନ୍ତି ଯେ ଏ କ୍ଷେତ୍ରରେ ଆଉ କେତେକ ପଦ୍ଧତିଗତ ତ୍ରୁଟି ରହିଛି, ଯେପରିକି ପ୍ରତିଷ୍ଠିତ ସରକାରୀ ପଦ୍ଧତିକୁ ଏଡ଼ାଇ ଯାଇ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ନିମନ୍ତେ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)ଉପସ୍ଥାପନ କରିବା। ଅର୍ଥ ସଚିବଙ୍କ କହିବା ଅନୁସାରେ, ସିମେନ୍‌ସକୁ ଯେଉଁ ଅର୍ଥ ପ୍ରଦାନ କରାଯାଇଥିଲା, ତାହା ଖୋଦ୍ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ନିର୍ଦ୍ଦେଶରେ ହିଁ କରାଯାଇଥିଲା । ସମ୍ପ୍ରତି ଚନ୍ଦ୍ରବାବୁ ନାଇଡୁ ଏସବୁ ଜାଣି ନଥିବା କହୁଥିବା ବେଳେ ଫାଇଲ୍‌ରେ କରାଯାଇଥିବା ନୋଟ୍‌ଗୁଡ଼ିକ ତାଙ୍କୁ ଏସବୁ ସହିତ ଛନ୍ଦିବା ପାଇଁ ମୁଖ୍ୟ ସୂତ୍ର ବୋଲି କୁହାଯାଇଛି । ଚନ୍ଦ୍ରବାବୁଙ୍କ ଗିରଫକୁ ନେଇ ଉଭୟ ଟିଡିପି ଏବଂ ୱାଇଏସ୍‌ଆର୍ କଂଗ୍ରେସ ପରସ୍ପର ଉପରକୁ କାଦୁଅ ଫିଙ୍ଗି ଚାଲିଥିବା ବେଳେ ଟିଡିପି ଏହାକୁ ମୁଖ୍ୟମନ୍ତ୍ରୀ ଜଗନ୍ ମୋହନ ରେଡ୍ଡୀଙ୍କ ପ୍ରତିଶୋଧ ପରାୟଣତା ବୋଲି ଅଭିଯୋଗ ଉଠାଇଛି, କାରଣ ତାଙ୍କ ଶାସନ କାଳରେ ଶ୍ରୀଯୁକ୍ତ ରେଡ୍ଡୀ ଦୁର୍ନୀତି ଅଭିଯୋଗରେ ୧୭ ମାସ କାଳ ଜେଲ୍‌ରେ ଥିଲେ । ଅପର ପକ୍ଷରେ, ୱାଇଏସ୍‌ସି କହିଛି ଯେ ଶ୍ରୀଯୁକ୍ତ ନାଇଡୁ ହେଉଛନ୍ତି ସାରା ଭାରତବର୍ଷରେ ସର୍ବାଧିକ ଦୁର୍ନୀତିଗ୍ରସ୍ତ ନେତା, ଯିଏକି ତାଙ୍କ କର୍ମର ଫଳ ଏବେ ଭୋଗୁଛନ୍ତି । ଏସବୁ ଆରୋପ-ପ୍ରତ୍ୟାରୋପ ଭିତରେ ଗୋଟିଏ କଥା କିନ୍ତୁ ନିରାଟ ସତ୍ୟ ଯେ ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି।

## ଇଞ୍ଜିନିୟର୍ସ ଦିବସ

### ଇଂ ପ୍ରତ୍ୟୁଷ କୁମାର ବେହେରା





ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟିରେ ଦୁଇଟି ଶବ୍ଦ ବୈଷୟିକ ଓ ବିକାଶ ଭିତରେ ଅନେକ ନିବିଡ଼ ସମ୍ପର୍କ । ସତେ ଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଅବର୍ତ୍ତମାନରେ ଯାହାକି ବିକାଶର ସତ୍ତା ହରାଇଥାଏ। ଠିକ୍ ସେହିଭଳି ବିକାଶ ନ ହେଲେ ବୈଷୟିକତାର ଆବଶ୍ୟକତା ନାହିଁ। ବୈଷୟିକ ବିଜ୍ଞାନ କ୍ଷେତ୍ରରେ ସର୍ବୋଚ୍ଚ ଡିଗ୍ରୀଧାରୀ ଭାରତମାତାର ସେମିତି ଜଣେ ମହାନ କୃତି ସନ୍ତାନ ହେଉଛନ୍ତି ଇଂଜିନିୟର ସାର ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟ । ୧୮୬୧ ମସିହା ସେପଟ୍ଟେମ୍ବର ୧୫ ତାରିଖ ଜନ୍ମ ଗ୍ରହଣ କରିଥିବା ଏହି ଖ୍ୟାତନାମା ବୈଷୟିକ ବିଜ୍ଞାନୀ ନିଜର କର୍ମ କୁଶଳ ଦ୍ୱାରା ପ୍ରତିଟି ଭାରତୀୟଙ୍କ ମନରେ ଛାପ ଛାଡି ୧୯୬୨ ମସିହା ଅପ୍ରେଲ ମାସ ୧୪ ତାରିଖରେ ଇହଲୀଳା ସମ୍ବରଣ କରନ୍ତି । ଦୀର୍ଘ ୧୦୧ ବର୍ଷର ଲମ୍ବା ଜୀବନ ଯାତ୍ରା ଭାରତ ମାତାର ମୁଖ ଉଜ୍ଜଳ କରିବା ସହ ବିକାଶ ଧାରାରେ ସମ୍ପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରି ଚିରଞ୍ଜିବୀ ହୋଇଗଲେ ବିଶ୍ୱେଶ୍ୱରାୟ।

ନିଜ ଜନ୍ମ ମାଟିରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ୧୮୭୬ ମସିହାରେ ବାଙ୍ଗାଲୋର କେନ୍ଦ୍ରୀୟ ମହାବିଦ୍ୟାଳୟରୁ ଶିକ୍ଷା ଏବଂ ପରେ ୧୮୮୦ - ୧୮୮୩ ପୁନେ ସ୍ଥିତ କଲେଜ ଅଫ ସାଇନ୍ସରୁ ଇଂଜିନିୟରିଂରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ବମ୍ବେ ବିଶ୍ୱବିଦ୍ୟାଳୟକୁ ଗୌରବ ମଣ୍ଡିତ କଲେ । ସେଇଠୁ ଆରମ୍ଭ ହେଲା ବୈଷୟିକ କ୍ଷେତ୍ରରେ ଭାରତରେ ବୈପ୍ଳବିକ ପରିବର୍ତ୍ତନ । ଜାତୀୟ ଜଳସେଚନ କମିଶନଙ୍କ ଅନୁରୋଧ କ୍ରମେ ୧୯୦୧ଠାରୁ ୧୯୦୩ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଜଳ ସେଚନ କାର୍ଯ୍ୟ ନିମନ୍ତେ ବିସ୍ତୃତ ଯୋଜନା ପ୍ରସ୍ତୁତ କଲେ। ବମ୍ବେ ସରକାରଙ୍କ ଅଧୀନରେ ୨୩ ବର୍ଷ କର୍ମମୟ ଜୀବନରୁ ଅବ୍ୟାହତି ନେଇ ବୈଦେଶିକ ଜ୍ଞାନକୌଶଳ ଆହରଣ କରିବା ପାଇଁ ପୃଥିବୀର ବିଭିନ୍ନ ଦେଶ ଗସ୍ତ କରିଥିଲେ । ଲକ୍ଷ୍ୟ ଥିଲା ନିଜ ମାତୃଭୂମି ଭାରତ ପ୍ରତ୍ୟାବର୍ତ୍ତନ କରି କିଛି କରି ଦେଖାଇବା । ଭାରତ ଫେରିବା ପରେ ବିଶ୍ୱେଶ୍ୱରାୟ ମୁଖ୍ୟ ଯନ୍ତ୍ରୀ ପଦବୀରେ ଅଧିଷ୍ଠିତ ହୋଇ ନଦୀ ବହୁଳ ଭାରତବର୍ଷରେ ପ୍ରତି ବର୍ଷ ବନ୍ୟା ଯୋଗୁଁ ଜନସାଧାରଣ ଭୋଗୁଥିବା ନାହିଁ ନଥିବା ବନ୍ୟା ଅସୁବିଧା ଓ ତତ୍ ଜନିତ କଷ୍ଟ ଦାଉରୁ ରକ୍ଷା ନିମନ୍ତେ ଆରମ୍ଭ କରିଲେ ନଦୀବନ୍ଧ ଯୋଜନା।

ଦେଶର ପ୍ରଥମ ବହୁମୁଖୀ ନଦୀବନ୍ଧ ଯୋଜନା କାବେରୀ ନଦୀରେ କୃଷ୍ଣରାଜ ସାଗର ତାଙ୍କର ମାନସ ସନ୍ତାନ, ଯାହାକି ଏକ ସୁବିସ୍ତୃତ ଅଞ୍ଚଳ ଜଳସେଚନ ବ୍ୟବସ୍ଥା ପାଇଁ ଖ୍ୟାତ। କର୍ଣ୍ଣାଟକ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଇନ୍ଦ୍ରାବତୀ ଇସ୍ପାତ କାରଖାନା, ମହୀଶୂର ବିଶ୍ୱବିଦ୍ୟାଳୟ, ମହୀଶୂର ବ୍ୟାଙ୍କ, ବାଙ୍ଗାଲୋର ଇଂଜିନିୟରିଂ କଲେଜ, କନଡ ସାହିତ୍ୟ ପରିଷଦ ଆଦି ତାଙ୍କରି ଅବିସ୍ମରଣୀୟ ଅବଦାନ ।

ଜାତିର ଜନକ ମହାତ୍ମା ଗାନ୍ଧୀ ୮ ଥର ଓଡିଶା ଗସ୍ତରେ ଆସି ୬୯ ଦିନ ବିଭିନ୍ନ ଅଞ୍ଚଳ ଗସ୍ତ କରିଥିବା ସମୟରେ ବନ୍ୟା ପ୍ରପୀଡିତ ଓଡିଶା ବାସୀଙ୍କ ଅବସ୍ଥା ଅନୁଧ୍ୟାନ ପୂର୍ବକ ପ୍ରତିକାର ନିମନ୍ତେ ସାର ବିଶ୍ୱେଶ୍ୱରାୟଙ୍କୁ ଅନୁରୋଧ କରିଥିଲେ। ନିଜ ଖର୍ଚ୍ଚରେ ଓଡ଼ିଶା ଆସି ୬୦ ଦଶକରେ ହୀରାକୁଦ ନଦୀବନ୍ଧ ଯୋଜନାର ଚିଠା ପ୍ରସ୍ତୁତ କରିଥିଲେ ବିଶ୍ୱେଶ୍ୱରାୟ । ସମଗ୍ର ଦେଶରେ ତାଙ୍କର ବିଭିନ୍ନ କୃତି ଓ କୀର୍ତ୍ତି ପାଇଁ ଆଧୁନିକ ଭାରତର ନିର୍ମାତା ନାମରେ ସେ ବିଖ୍ୟାତ ହୋଇଥିଲେ। ୧୯୫୫ ମସିହା ଭାରତ ସରକାର ତାଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ ‘ଭାରତ ରତ୍ନ’ରେ ବିଭୂଷିତ କରିଥିଲେ। ବୈଷୟିକ ଜ୍ଞାନ ଧୀସମ୍ପନ୍ନ ତଥା ଭାରତ ମାତାର କୃତି ସନ୍ତାନ ଏବଂ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗାଉଥିବା ମହାପୁରୁଷ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟଙ୍କ ପବିତ୍ର ଜନ୍ମତିଥି ସେପଟ୍ଟେମ୍ବର ୧୫କୁ ଇଂଜିନିୟର୍ସ ଦିବସ ଭାବେ ୧୯୬୭ ଠାରୁ ପାଳନ କରିବାକୁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି ।ଅସ୍ଥିରତାର ପଦାଘାତରେ ତିକ୍ତ ସମାଜ ବହୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟରେ ବିତୁଥିଲେ ବି ନିରବତାର ବନ୍ଦନୀ ଭିତରେ ପଲେ ବିଲୁଆଙ୍କ ବୋବାଳି ବଢ଼ିବଢ଼ି ଚାଲେ ଅନ୍ଧାର ଆଡ଼କୁ। ଏବେ ତ ସମୟ ଉତ୍ତର ଆଧନିକତାର ଛାଇ ଆଲୁଅରେ ଆଂଶିକ ଦୃଶ୍ୟମାନ, ବଞ୍ଚିବାର ପଥପ୍ରାନ୍ତରେ ଟଣାଓଟରା ଜୀବନ - ଜଣେ ଇଂଜିନିୟର ପାଇଁ ଆଜିବି ମହଙ୍ଗା। ପ୍ରଗତିଶୀଳ ପୃଥିବୀରେ ଅଧିକାର ପାଇଁ ଆର୍ତ୍ତନାଦ, ପ୍ରତିଧ୍ୱନିତାର ଆଶ୍ୱାସନା। ପେନସନ ଅଧିକାର, ନୂତନ ନିଯୁକ୍ତିର ତରିକା, ଯୁବପିଢ଼ିଙ୍କୁ ପ୍ରତ୍ୟକ୍ଷାନ, ରାତି ଅଧିଆ ଛଟେଇ ଆଜି ପ୍ରତିଟି ଇଂଜିନିୟର ଆଖିରେ ଅଗ୍ନିସ୍ଫୁଲିଙ୍ଗ ତୋଳି ଧରେ। ଶୋଷିତ ଇଂଜିନିୟର ବଞ୍ଚିବାର ରାହା ଖୋଜିଖୋଜି ଅନେକ ଅମଡ଼ାବାଟରେ ରକ୍ତାକ୍ତ ହୋଇଚାଲିଛନ୍ତି। ସଂପ୍ରତି ଭାରତୀୟ ଇଂଜିନିୟରଙ୍କ ଜୀବନରେ ବିଶ୍ୱ ଇଂଜିନିୟର ଦିବସ ବିବର୍ଣ୍ଣ ବିଦୀର୍ଣ୍ଣ ଓ ବିଷର୍ଣ୍ଣ । ସରକାରଙ୍କ ଏକଛତ୍ରବାଦୀ ଜିଦଖୋର୍ ମନ ଆଗରେ ସେ ଏକ ଚାବି ଦିଆ ରବର କଣ୍ଢେଇ, ଯାହାକୁ ଅନ୍ୟ କେହି ନିୟନ୍ତ୍ରଣ କରିଥାଏ । କିନ୍ତୁ ଆଖିରେ କିନ୍ତୁ ଆଖିଏ ସ୍ୱପ୍ନ। ବଞ୍ଚିବାର ଆଗ୍ରହ ଅନାବନା ସ୍ୱପ୍ନ ଭିତରୁ ଟାଣିଆଣି ତାକୁ ମନଖୋଲି ହସିବାର ଖୋରାକ ଦେବ। କିନ୍ତୁ କାହିଁ ? କଳକାରଖାନାର ଇଂଜିନିୟର ଜୀବନର ବାଜି ଗଣି ମାଲିକର ଭଣ୍ଡାରକୁ ପୂର୍ଣ୍ଣାଙ୍ଗ କଲାବେଳେ ଯେଉଁ ଆକସ୍ମିକତାର ଶିକାର ହୁଏ, ଆଉ ସମାଜର ‘ଆହ’ର ଆଶ୍ରୟରେ ଅବଶିଷ୍ଟ ଜୀବନ ବିତେଇ ଦିଏ, ତା ପାଇଁ, ତା’ର ଖଣ୍ଡିତ ଜୀବନ ପାଇଁ ତା ବଦଳରେ ସେ ପାଏ କଣ? କିଛିଟା ସମ୍ବେଦନା ଆଉ କିଛି ଅର୍ଥର ଯାଚନ ଭିତରେ ତା’ ପାଇଁ ତାର କର୍ତ୍ତବ୍ୟ ହିଁ ଶେଷ ହୋଇଯାଏ। ଏହାହିଁ ଗଣତାନ୍ତ୍ରିକ ସରକାରୀ ନୀତି । ଏଇଟା ବି ତା’ ପାଇଁ ବେଳେବେଳେ ବାସି ଫଗୁଣର ଇତିହାସ ପରି।

ଏହି ପରିପ୍ରେକ୍ଷୀରେ ୨୦୨୩ ସେପଟ୍ଟେମ୍ବର ୧୫ ଇଂଜିନିୟର ଦିବସ ତା’ର ସ୍ମୃତିରେ ଅନନ୍ୟ ସମୀକରଣ ସୃଷ୍ଟି କରି ଭାରତ ତଥା ଓଡିଶାର ଇଂଜିନିୟରମାନଙ୍କ ପାଇଁ ତେଜୋଦୀପ୍ତ ନୂତନ ସୂର୍ଯ୍ୟ ଆଣିବାର ବଜ୍ର ଶପଥ ନେଉ ; ଏ କଥା କହିଲା ବେଳକୁ କଣ୍ଠ ରୁଦ୍ଧ ହୋଇ ଆସୁଛି । ପ୍ରଗତିର ଉତ୍ସ, ସଫଳତାର ଉଦ୍ୟମ ଓ ଗଣତାନ୍ତ୍ରିକ ଚେତନାର ସମିଶ୍ରଣ ହେଉ ମହାସମୁଦ୍ର। ଏଇ ଇଂଜିନିୟରମାନେ ସମୟର ଚୋରାବାଲିରେ ଗୋଟିଏ ଉସ୍କୁରା ପୋକ ଭଳି ଜାତିର ଇତିହାସରେ ସ୍ମୃତିଚାରଣ କରିବା ବ୍ୟତୀତ ଆଉ କ’ଣ ହୋଇପାରେ। ଆସନ୍ତୁ ଆମେ ସମସ୍ତେ ମିଶି ସଂକଳ୍ପ ନେବା ଦେଶ ଜାତିର ଉନ୍ନତି ପାଇଁ ହାତରେ ହାତ ମିଶେଇ ଆଗେଇବା।

ଅଧାପକ, ବାଲେଶ୍ୱର
ମୋ: ୭୫୦୪୦୮୧୮୬୩

## ଜି-୨୦ ଶିଖର ସମ୍ମିଳନୀ

### ସୌଭାଗ୍ୟ ରଂଜନ ମହାନ୍ତି



ଦିଲ୍ଲୀରେ ଶେଷ ହୋଇଥିବା ବିଶ୍ୱର ବିକାଶମୂଳକ ଏବଂ ବିକାଶମୁଖୀ ରାଷ୍ଟ୍ର ସମୂହକୁ ନେଇ ଗଠିତ ଜି-୨୦ ସମ୍ମିଳନୀର ସଫଳତା କେବଳ ଭାରତର ସାମର୍ଥ୍ୟକୁ ପ୍ରଦର୍ଶନ କରିନାହିଁ, ବିଶ୍ୱ ନେତୃତ୍ୱ ନେବା ପାଇଁ ଭାରତ ଆଉ ଏକ ପାଦ ଅଗ୍ରସର ହୋଇଛି ବୋଲି ନିସନ୍ଦେହରେ କୁହାଯାଇପାରେ। ଏକ ବିଶ୍ୱ, ଏକ ପରିବାର ଏବଂ ଏକ ଭବିଷ୍ୟତ ତତ୍ତ୍ୱକୁ ନେଇ ଆୟୋଜିତ ଶିଖର ସମ୍ମିଳନୀରେ ଭାରତ ଦ୍ୱାରା ପ୍ରସ୍ତୁତ ଦିଲ୍ଲୀ ଘୋଷଣାନାମା ସର୍ବସମ୍ମତ କ୍ରମେ ଅନୁମୋଦିତ ହେବା ଦେଶର ପାରଦର୍ଶିତା ଏବଂ ଭବିଷ୍ୟତରେ ବିଶ୍ୱର ଗୁରୁ ହେବା ପାଇଁ ଦକ୍ଷତାକୁ ପ୍ରତିପାଦିତ କରୁଛି। ଏହା ମଧ୍ୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଭାରତ ବିରୋଧି ଶକ୍ତିମାନଙ୍କ ପାଇଁ ଏକ ଚେତାବନୀ ସଦୃଶ ହୋଇଛି। ଶିଖର ସମ୍ମିଳନୀରେ ବିଶ୍ୱରେ ଯୁଦ୍ଧ ନୁହେଁ, ଶାନ୍ତି ପ୍ରତିଷ୍ଠା ସହ ସମସ୍ତ ରାଷ୍ଟ୍ରର ଅଖଣ୍ଡତା, ସାର୍ବଭୌମତାକୁ ସମ୍ମାନ ଦେବା, ପରିବେଶ ସୁରକ୍ଷା, ଅଣ ପାରମ୍ପରିକ ଶକ୍ତି ଉତ୍ସର ବ୍ୟବହାରକୁ ପ୍ରୋତ୍ସାହନ, ବିଶ୍ୱ ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ପାଲଟିଥିବା ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ ହ୍ରାସ ପାଇଁ ବିକାଶଶୀଳ ରାଷ୍ଟ୍ରଗୁଡିକୁ ଆର୍ଥୀକ ପ୍ରୋତ୍ସାହନ ପ୍ରଦାନ, ଆତଙ୍କବାଦର ଦମନ, ସୁରକ୍ଷାବାଦୀ, ବଜାରବିନାଶକାରୀ ଶକ୍ତିକୁ ପ୍ରତିହିତ କରିବା, କ୍ଷୁଧାମୁକ୍ତ ବିଶ୍ୱ ଗଠନ, ଭାରତରୁ ମଧ୍ୟ ପ୍ରାଚ୍ୟ ଦେଇ ୟୁରୋପ ପର୍ଯ୍ୟନ୍ତ ଜଳ, ସ୍ଥଳ ମାର୍ଗରେ କରିଡର ନିର୍ମାଣ କରିବା, ବିଶ୍ୱରେ ବେଳକୁ ବେଳ ଘନୀଭୂତ ହେଉଥିବା ବିଶ୍ୱାସବୋଧ ଅଭାବର ସଂକଟକୁ ଦୂର କରିବା, ଜୈବ ଇନ୍ଧନକୁ ପ୍ରୋତ୍ସାହନ କରିବା ଜାତିସଂଘ ନିରାପତା ପରିଷଦର ସଂପ୍ରସାରଣ ଆଦି ଘୋଷଣାନାମାକୁ ଶିଖର ସମ୍ମିଳନୀ ସର୍ବସମ୍ମତି କ୍ରମେ ଗ୍ରହଣ କରିବା ଭାରତ ପାଇଁ ସବୁଠାରୁ ବଡ ସଫଳତା ବୋଲି କୁହାଯିବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଭାରତର ଘୋର ବିରୋଧି ତଥା ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ବିସ୍ତାରବାଦୀ ଚୀନର ତଥାକଥିତ ବିଆରଆଇ ପ୍ରକଳ୍ପ ପ୍ରତି ଧକ୍କା ପହଁଚାଇବା। କହିବା ବାହୁଲ୍ୟ ଯେ, ବିଆଇଆଇ ପ୍ରକଳ୍ପ ମାଧ୍ୟମରେ ଚୀନ ନିଜର ବିସ୍ତାରବାଦୀ ଆଭିମୁଖ୍ୟକୁ ଆଗେଇନେବା ସହ ଏଥିରେ ସହମତ ରାଷ୍ଟ୍ରମାନଙ୍କୁ ଋଣଯନ୍ତାକୁ ଠେଲି ଦେଇ ସେମାନଙ୍କର କରାୟତ କରିବା କୌଶଳକୁ ଭାରତ ପ୍ରତିହିତ କରିବାରେ ସମର୍ଥ ହୋଇଛି ବୋଲି କୁହାଯାଇପାରିବ। କେବଳ ଏତିକି ନୁହେଁ, ଭାରତ ବିଶ୍ୱନେତାମାନଙ୍କୁ ନିକଟରେ ନିଜ ଦେଶର କଳା, ନୈପୁଣ୍ୟ, ଚାରୁକଳା, ଆତିଥେୟତା ପ୍ରଦର୍ଶନ କରି ସମସ୍ତଙ୍କୁ ଚମକୃତ କରିଦେଇଛି। ଦେଶର କଳା, ସ୍ଥାପତ୍ୟ ଓ ଲୋକକଳା ବିଶ୍ୱ ଦରବାରରେ ପହଁଚାଇ ଭବିଷ୍ୟତରେ ଭାରତ ବିଦେଶୀ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ଆହୁରି ଲାଭବାନ ହେବ ବୋଲି ଆଶା କରାଯାଏ। ଆହୁରି ମଧ୍ୟ ବିଶ୍ୱର ସପ୍ତଶର୍ଯ୍ୟ ମଧ୍ୟରୁ ଅନ୍ୟତମ କୋଣାର୍କ ଚକ୍ରର ଐତିହ୍ୟ ଓ ମହତ୍ୱ ସମ୍ପର୍କରେ ପ୍ରଧାନମନ୍ତ୍ରୀ ବିଶ୍ୱନେତାମାନଙ୍କୁ ଅବଗତ କରାଇ ଅତୀତର ପାଣ୍ଡିତ୍ୟକୁ ପ୍ରଦର୍ଶନ କରାଇବାରେ ସମର୍ଥ ହୋଇଛନ୍ତି ବୋଲି କୁହାଯାଇପାରେ। ତେବେ ସବୁଠାରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଭାରତର ଆତିଥେୟତା। ବିଶ୍ୱନେତାମାନଙ୍କୁ ଦେଶର ପାରମ୍ପରିକ ଖାଦ୍ୟ, ବିଦେଶୀ ଖାଦ୍ୟ ସହ ୪୦୦ ପ୍ରକାର ବ୍ୟଞ୍ଜନ ପରଷି ଆପ୍ୟାହିତ କରିଥିଲା। ଦେଶର ପାରମ୍ପରିକ ଖାଦ୍ୟ ସହ ବିଦେଶୀନେତାଙ୍କୁ ପରିଚିତ କରାଇ ପାରିଥିବା ବେଳେ ‘ମାଣ୍ଡିଆ’ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ମଧ୍ୟ ପରଷି ଥିଲା। କହିବା ବାହୁଲ୍ୟ ଯେ, ଅତିଥି ଦେବୋଭବ ନୀତିକୁ ଦେଶ ଅକ୍ଷରେ ଅକ୍ଷରେ ପାଳନ କରିଥିବା ବେଳେ ଅତିଥିମାନଙ୍କୁ ସୁନା ଓ ରୂପା ପାଣିଦିଆ ପାତ୍ରରେ ଖାଦ୍ୟ ପରଷି ନିଜର ଆଭିଜାତ୍ୟକୁ ପ୍ରଦର୍ଶନ କରି ଥିବା ବେଳେ ଦୁଇଦିନିଆ ସମ୍ମିଳନୀରେ ୪୪୧ କୋଟିରୁ ଅଧିକ ବ୍ୟୟ ହୋଇଥିବା କୁହାଯାଏ। ତେବେ ସମ୍ମିଳନୀରେ ଉଲ୍ଲେଖଯୋଗ୍ୟ ଯେ, ଶିଖର ସମ୍ମିଳନୀରେ ରୁଷ ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ଏବଂ ଚୀନର ରାଷ୍ଟ୍ରପତି ସି.ଜିନିପିଙ୍ଗଙ୍କ ଅନୁପସ୍ଥିତ ସ୍ପଷ୍ଟ ବାରି ହୋଇପଡିଥିଲା। ଏହି ଦୁଇନେତାଙ୍କୁ ସମ୍ମିଳନୀରେ ସାମିଲ କରାଇ ନପାରିବା ଏକ ବିଫଳତା ବୋଲି କୁହାଯାଇପାରେ। ସେହିପରି ଦୀର୍ଘ ଦେଢବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ଲାଗି ସମ୍ମିଳନୀରେ କୌଣସି ପ୍ରସ୍ତାବ ଗୃହୀତ ହୋଇନପାରିବା ଏକ ବିଫଳତା ବୋଲି କହିଲେ ହୁଏତ ଭୁଲ ହୋଇନପାରେ। ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ବିଶ୍ୱରେ ଏବେ ଖାଦ୍ୟ ସଂକଟ ମୁହାଁ ହୋଇଥିବାବେଳେ ବିଭିନ୍ନ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ଦର ଉପରମୁହାଁ ହୋଇଛି। ଯୁଦ୍ଧ ବନ୍ଦ ଲାଗି ଦୁଇଦେଶ ବିଶେଷ କରି ରୁଷ ଉପରେ ଚାପ ସୃଷ୍ଟି କରିବାରେ ସମ୍ମିଳନୀ ବିଫଳ ହୋଇଛି ବୋଲି କୁହାଯାଇପାରେ। ବିଶ୍ୱର ଦୁଇ ଶକ୍ତି ଭାବେ ପରିଚିତ ରୁଷ ଓ ଚୀନର ଶିଖର ନେତାଙ୍କୁ ସମ୍ମିଳନୀରେ ସାମିଲ ନହେବା ପରିପ୍ରେକ୍ଷୀରେ ବିଶ୍ୱ ପୁନର୍ବାର ଏକ ଶୀତଳ ଯୁଦ୍ଧ ମୁହାଁ ହେବା ଆଭାସ ମିଳି ସାରିଲାଣି। ଉତରକୋରିଆର ଏକଛତ୍ରବାଦୀ ଶାସକ କମ୍ ଜଙ୍ଗଇନ୍, ରୁଷର ରାଷ୍ଟ୍ରପତି ପୁଟିନ ଓ ଚୀନର ରାଷ୍ଟ୍ରପତି ଜିନପିଙ୍ଗଙ୍କ ମଧ୍ୟରେ ପ୍ରସ୍ତାବିତ ବୈଠକ ଶୀତଳ ଯୁଦ୍ଧ ଆଶଙ୍କାକୁ ଆହୁରି ଦୃଢିଭୂତ କରିଛି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ। ୟୁକ୍ରେନ ସହ ଯୁଦ୍ଧ ପାଇଁ ଉତରକୋରିଆ ରୁଷକୁ ଅସ୍ତ୍ରଶସ୍ତ୍ର ସହାୟତା ଦେବା ନେଇ ଏକ ରାଜିନାମା ସ୍ୱାକ୍ଷର କରିବ। ଯେଉଁଥିପାଇଁ ଇନ ଏବେ ରୁଷ ଗସ୍ତରେ ଅଛନ୍ତି। ଯାହାକି ଯୁଦ୍ଧର ପରିସମାପ୍ତି ପରିବର୍ତ୍ତେ ଯୁଦ୍ଧକୁ ଆହୁରି କରାଇବାରେ ସହାୟକ ହେବା ଆଶଙ୍କା କରାଯାଏ। ରୁଷ-ୟୁକ୍ରେନ ଯୁଦ୍ଧ ପରିପ୍ରେକ୍ଷୀରେ ଦୁଇଟି ଜି-୨୦ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଯୁଦ୍ଧ ବନ୍ଦ ନେଇ କୌଣସି ଦୃଢ ପଦକ୍ଷେପ ନିଆଯାଇ ପାରିନାହିଁ। ୧୯୩ଟି ରାଷ୍ଟ୍ରକୁ ନେଇ ଜାତିସଂଘ ମଧ୍ୟ ବିଫଳ ହୋଇଛି। ତେବେ ସେ ଯାହା ହେଉନା କାହିଁକି ଜି-୨୦ ଶିଖର ସମ୍ମିଳନୀର ସଫଳତା ଠାରୁ ସରକାର କଳର ପ୍ରଚାର ଓ ଆଡମ୍ବରପୂର୍ଣ୍ଣ ପ୍ରସ୍ତୁତି ଅଧିକ ବୋଲି କହିଲେ ଅତିରଂଜିତ ହୋଇନପାରେ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯




### ଜୀବନ

#### ସୁହଂସ ଭୋଇ

ଖଟା ମିଠା ଅନୁଭୂତିର ଅତୀତ
ଭବିଷ୍ୟତ ଅନିଶ୍ଚିତ
ଘାତ ପ୍ରତିଘାତେ ବିତେ ବର୍ତ୍ତମାନ
ଅନୁଭବର ସହିତ

ଜୀବନର ମାର୍ଗ ଦୁର୍ଗମ ତ କେବେ
ପଥ ପୂର୍ଣ୍ଣ କଣ୍ଟକିତ
ବୃନ୍ତପୁଷ୍ପ ଯେହ୍ନେ ବାସ ସୁବାସିତ
ଲାଗେ ପୁଣି କେବେ ତିକ୍ତ

ଶରତ ସକାଳେ ଶିଶିର ବିଧୌତ
ବସନ୍ତେ ମଧୁର ଗୀତ

ଖଟା ମିଠା ଅନୁଭୂତିର ଅତୀତ
ଭବିଷ୍ୟତ ଅନିଶ୍ଚିତ

ହରଣ ଗୁଣନ ମିଶାଣ ଫେଡ଼ାଣ
ଜୀବନ ଜ୍ୟାମିତି ସୂତ୍ର
ସାହିତ୍ୟର ସରଳାର୍ଥ କେବେ ପୁଣି
ଅଚ୍ଛିଣ୍ଡା ବୀଜ ଗଣିତ

ତଥାପି ଜୀବନ ଜିଇଁବାକୁ ହେବ
ଗଦକୁ ମଣି ଅମୃତ
ଖଟା ମିଠା ଅନୁଭୂତିର ଅତୀତ
ଭବିଷ୍ୟତ ଅନିଶ୍ଚିତ

ପହଣ୍ଡି, ବରଗଡ଼

### ଖୋଳପା

#### କୀର୍ତ୍ତନ ସାହୁ



ଭଲ ମଣିଷର ଖୋଳପା ପିନ୍ଧିକି
ଯେବେ ଅଭିନୟ କରିବ
ଦିନେ ନାହିଁ ଦିନେ ଖୋଳପା
ଖୋଲିବ
ଅବେଳରେ ଧରା ପଡ଼ିବ।

ଉପରକୁ ଖାଲି ଭଲ କଥା କହି
ଭିତରଟା ଥିବ ଅଳିଆ
ସେ ମିଛ ରୂପଟା ଫିଟି ବାହାରିବ
ପଡ଼ି ଯିବ ସେଠି ଘଳିଆ।

ମିଛ କଥା ଯାର ଅଳଙ୍କାର ହୁଏ
ଅଚିରେ ସେ ଖସି ପଡ଼ିବ
ଦାଣ୍ଡ ମଝିଟାରେ ଅପଦସ୍ତ ହୋଇ
ମୁଣ୍ଡରୁ ତା ଚୁଟି ଝଡ଼ିବ ।

ପର ହିଂସା କରି ଯିଏ ଚଳୁ ଥିବ
ପଡ଼ିବ ଦିନେ ସେ ଖାଲରେ
କେତେ ଦିନ ଆଉ ଫାଙ୍କି ଚାଲି ଥିବ
ଧରା ପଡ଼ି ଯିବ ବେଳରେ ।

ସିଏ ମିଛ ବୋଲି ଦୁନିଆଟା ମିଛ
କରିବାକୁ ସିଏ ଚାହିଁବ
ମିଛ ଉଭେଇବ ଆପଣା ଛାଆଁକୁ
ସତର ମଳୟ ବହିବ ।

କେତେ ଦିନ ଆଉ ଭଲରେ
ଖୋଳପା
ପିନ୍ଧି ପିନ୍ଧି ତମେ ଚାଲିବ
ସେ ଦିନ ଆସିବ ଯେଉଁ ଦିନ ତମେ
ସତ ଫାଶୀ ଖୁଣ୍ଟେ ଝୁଲିବ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ:୯୪୩୮୪୧୪୭୦୧

### ଦୁଃଖ

#### ନୀଳମଣି ଚାନ୍ଦ



ଧାନ୍ୟକ୍ଷେତ୍ରର ବାଲୁଙ୍ଗା ସଦୃଶ
ସିଏ ବଢେ ହୁ ହୁ
କାହା ଭାଷାରେ ସେ ନିଦାଘର ଖରା
ଜଳୁଥାଏ ଧୁ ଧୁ।

କେବେ ଦୁଃଖ ହୋଇ ପ୍ରାବୃଟର
ବନ୍ୟା
ଆସି କରେ ହରକତ
ଆଖିରୁ ଝରେଇଯାଏରେ ଲୋତକ

ମନ ହୁଏ ସନ୍ତାପିତ।

କଳ୍ପବଟ ପରି ଅକାତରେ କରେ
ଶୋଚନାରୁ ମେଞ୍ଚେ ଦାନ
ଅକ୍ଷୟବୀଜ ସେ ମୃତ୍ୟୁ ନାହିଁ ତା’ର
ସିଏ ସତେ ଅନୁପମ।

କେବେ ଲାଗେ ସିଏ ଫୋନିକ୍ସ ପରି
ମରି, ଉଠି ଜିଉଁଥାଏ
ତାକୁ ଦେଖି କିଏ ବେଦନାର ଗୀତି
ଭିନ୍ନ ସ୍ୱରେ ଗାଇଯାଏ।

ଦୁଃଖକୁ ବୁଝିବା ସୁଖର ଅଭାବ
ଜୀବନର ନାଟକରେ
ଦୁଃଖ ଆସିବ, ଆସି ଚାଲିଯିବ
ମୁଦ ନା ତା ଫାଟକରେ।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

### ମନରେ ତୋଳିଛ ଘର

#### ନିରଞ୍ଜନ ସାହୁ



ଯେଦିନ ପହିଲେ ମନ୍ଦିର ବେଢାରେ
ଭେଟିଲି ପ୍ରଥମ ଥର
ସେହିଦିନ ଠାରୁ ମୋହରି ମନରେ
କରିଥିଲ ତୁମେ ଘର ।

ତୁମକୁ ନେଇକି ରଙ୍ଗୀନ ସପନ
ଦେଖିଥିଲି ମୁହିଁ କେତେ

ଯେତେ କହିଲେ ବି ଆଉ ରହିଯିବ
ସ୍ୱପ୍ନ ଦେଖିଥିଲି ଏତେ
ମନ ଉଡିଥିଲା ଜହ୍ନ ରାଇଜରେ
ଡେଇଁଥିଲି ସମୁଦର ।

ସେ ସପନ ସିନା ସତ ହେଲାନାହିଁ
ବିହି ହେଲା ଯେବେ ବାମ
ପୂରଣ ହେଲାନି ଅଭିଳାଷ ମୋର
ଭୁଲିନାହିଁ ତୁମ ନାମ
ତୁମେ ସିନା ମୋତେ ପର
କରିଦେଲ
ମୁଁ କରି ପାରିନି ପର ।

ନିହଲ ପ୍ରସାଦ, ଗଁଡିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩



# ଅଭିନୟ ଛାଡ଼ିବେ କରୀନା କପୁର ଖାନ୍

ବଲିଉଡ ଅଭିନେତ୍ରୀ କରୀନା କପୁର ଖାନ୍ ଏବେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଜାନେ ଜାନ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ତାଙ୍କର ଏହି କ୍ରାଇମ ଥ୍ରୀଲର ଫିଲ୍ମର ଟ୍ରେଲର ରିଲିଜ ହୋଇଛି। ଫିଲ୍ମରେ ତାଙ୍କ ସହ ଅଭିନେତା ବିଜୟ ବର୍ମା ଏବଂ ଜୟଦୀପ ଅହଲୱାତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କରୀନା କପୁରଙ୍କ ଏହି ଚଳଚ୍ଚିତ୍ର ନେଟଫ୍ଲିକ୍ସରେ ତାଙ୍କ ଜନ୍ମଦିନ ଅର୍ଥାତ୍ ସେପ୍ଟେମ୍ବର ୨୧ରେ ମୁକ୍ତିଲାଭ କରିବ। 'ଜାନ ଜାନ' ରିଲିଜ ହେବା ପୂର୍ବରୁ କରୀନା କପୁର ଅଭିନୟରୁ ଅବସର ନେବା ପ୍ରଶ୍ନ ଉପରେ ନିଜର ଉତ୍ତର ରଖିଛନ୍ତି। ଜାତୀୟ ଗଣମାଧ୍ୟମ ଇଣ୍ଡିଆନ୍ ଏକ୍ସପ୍ରେସକୁ ସାକ୍ଷାତକାର ଦେଇ କହିଛନ୍ତି ଯେ, "ମୁଁ ଏବେ ବି ଅଭିନୟ କରିବାକୁ ନେଇ ଉତ୍ସାହିତ ଅଛି। ଯେବେ ମୁଁ ଏହି ଉତ୍ସାହ ହରାଇବି, ତେବେ ଯାଇ ମୁଁ ଅବସର ନେବି। କାରଣ ୪୩ବର୍ଷ ବୟସରେ ମଧ୍ୟ ସେଟରେ ରହିବାର ଉତ୍ସାହ ଏବଂ କ୍ୟାମେରା ସାମ୍ନା କରିବାକୁ ଇଚ୍ଛା ଅଛି। ମୁଁ ଜାଣେ ଯେଉଁ ଦିନ ଏହି ଉତ୍ସାହ ରହିବ ନାହିଁ, ସେହି ଦିନ ମୁଁ ଅଭିନୟ କରିପାରିବି ନାହିଁ। କାରଣ ମୁଁ ଯାହା ପସନ୍ଦ ତାହା କରିବାକୁ ଭଲପାଏ। ମୁଁ ଖାଦ୍ୟକୁ ଭଲ ପାଏ, ସାଙ୍ଗମାନଙ୍କ ସହିତ ବୁଲିବାକୁ ଭଲପାଏ ଏବଂ ବାହାରକୁ ଯିବାକୁ ପସନ୍ଦ କରେ। ତେଣୁ ଯଦି ଏଭଳି ଦିନ ଆସିବ, ଯେଉଁଦିନ ମୋର ଅଭିନୟ କରିବାକୁ ଇଚ୍ଛା ହେବ ନାହିଁ, ସେଦିନ ମୁଁ ଅଭିନୟରୁ ଅବସର ନେବି। ଭାବୁଛି ୮୩ କି ୯୩ବର୍ଷ ବୟସରେ ମୋର ଆଉ ଅଭିନୟ କରିବାକୁ ଇଚ୍ଛା ହେବ ନାହିଁ।"

# ନାଗାଙ୍କର ପୁଣି ପଡିବ ହାତଗଣ୍ଠି, ବିଜନେସ୍‌ମ୍ୟାନ୍ ଝିଅକୁ କରିବେ ବିବାହ



ଦକ୍ଷିଣ ଭାରତୀୟ ଲୋକପ୍ରିୟ ଅଭିନେତା ନାଗା ଚୈତନ୍ୟ। ବର୍ତ୍ତମାନ ସେ ଦ୍ୱିତୀୟ ଥର ବିବାହ କରିବାକୁ ପ୍ରସ୍ତୁତ ଥିବା ଜଣାଯାଇଛି। ଅକ୍ଟୋବର ୨, ୨୦୨୧ରେ ସେ ତାଙ୍କ ପୂର୍ବ ପତ୍ନୀ ତଥା ଅଭିନେତ୍ରୀ ସାମନ୍ଥାଙ୍କ ସହ ପାରସ୍ପରିକ ସମ୍ମତି ଦେଇ ଅଲଗା ହେବା ଘୋଷଣା କରି ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ନାଗା ସାମନ୍ଥାଙ୍କ ଠାରୁ ଛାଡପତ୍ର ହେବାର ପ୍ରାୟ ଦୁଇ ବର୍ଷ ବିତିଗଲାଣି । ବର୍ତ୍ତମାନ ଲାଗୁଛି ଯେ ସେ ନିଜ ଜୀବନ ସହିତ ଆଗକୁ ବଢିବାକୁ ନିଷ୍ପତ୍ତି ନେଇଛନ୍ତି। ନାଗା ତାଙ୍କ ଚଳଚ୍ଚିତ୍ର 'ୟେ ମାୟା ଚେସାଭ'ର ସେଟରେ ସାମନ୍ଥାଙ୍କୁ ଭେଟିଥିଲେ । କିଛି ଦିନ ଡେଟିଂ କରିବା ପରେ ଦୁହେଁ ୨୦୧୭ମସିହାରେ ବିବାହ କରିଥିଲେ। ଖୁବ୍ ଶୀଘ୍ର ସେମାନଙ୍କ ମଧ୍ୟରେ ଦୂରତା ବଢିଲା ଏବଂ ଦମ୍ପତି ବିବାହର ପ୍ରାୟ ଚାରି ବର୍ଷ ପରେ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଏହି ଛାଡପତ୍ର ପରେ ନାଗାଙ୍କ ନାମ ଅଭିନେତ୍ରୀ ଶୋଭିତାଙ୍କ ସହ ଯୋଡି ହୋଇଥିଲେ ଏବଂ ସେମାନଙ୍କର ଘନିଷ୍ଠତାକୁ ନେଇ ଡେଟିଂ ଖବର ଆସିଲା । କିନ୍ତୁ ଏପର୍ଯ୍ୟନ୍ତ ନାଗା ଏବଂ ଶୋଭିତା ସେମାନଙ୍କ ସମ୍ପର୍କ ଉପରେ କୌଣସି ମନ୍ତବ୍ୟ ଦେଇନାହାଁନ୍ତି। ଏକ ରିପୋର୍ଟ ଅନୁଯାୟୀ, ନାଗାର୍ଜୁନ ତାଙ୍କ ପୁଅ ନାଗା ଚୈତନ୍ୟଙ୍କ ପାଇଁ ଦ୍ୱିତୀୟ ବିବାହ ଯୋଜନା କରୁଛନ୍ତି ବୋଲି ଅନୁମାନ କରାଯାଉଛି। ତେବେ ଏପର୍ଯ୍ୟନ୍ତ ଝିଅର ପରିଚୟ ପ୍ରକାଶ କରାଯାଇ ନାହିଁ, କିନ୍ତୁ କୁହାଯାଉଛି ଝିଅଟି ଜଣେ ବ୍ୟବସାୟୀଙ୍କ ପରିବାରର ଏବଂ ଗ୍ଲାମର ଦୁନିଆ ସହିତ କୌଣସି ସମ୍ପର୍କ ନାହିଁ। ତେବେ ଏହି ଖବର ସମ୍ପର୍କରେ ଅଭିନେତା କିମ୍ବା ତାଙ୍କ ପରିବାର ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

# ଟିକେଟ ପାଇଁ ୪,୫୦୦ମାଗୁଥିଲେ ଠକ, ଏଭଳି ପ୍ରଶଂସକଙ୍କୁ ବଞ୍ଚାଇଲେ କପିଲ ଶର୍ମା

ଲୋକପ୍ରିୟ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ ସୋ' 'ଦି କପିଲ ଶର୍ମା ସୋ' ଲୋକଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ଏବଂ ସାରା ଦେଶରେ କପିଲଙ୍କ କମେଡିକୁ ଲୋକେ ପସନ୍ଦ କରନ୍ତି। ତେବେ କିଛି ଠକମାନେ ତାଙ୍କ ନାମ ବ୍ୟବହାର କରି କପିଲଙ୍କ ପ୍ରଶଂସକଙ୍କୁ ବୋକା ବନାଇବାକୁ ଏବଂ ଟଙ୍କା ଠକି ନେବାକୁ ଚେଷ୍ଟା କରିଥିବା ସାମ୍ନାକୁ ଆସିଛି। ହାଇଦ୍ରାବାଦର ଜଣେ ବ୍ୟକ୍ତି ହାସ୍ୟ ଅଭିନେତା କପିଲଙ୍କୁ ଏକ ଅନଲାଇନ୍ ବିଜ୍ଞାପନ ବିଷୟରେ ଜଣାଇ ମେସେଜ୍ କରିଥିଲେ ଯେ, ଆପଣଙ୍କ ସୋ' ପାଇଁ ଟିକେଟ ବିକ୍ରି କରିବାକୁ ଟଙ୍କା ମଗାଯାଉଛି। କପିଲଙ୍କ ପ୍ରଶଂସକ ଏକ୍ସ (ପୂର୍ବରୁ ଟ୍ୱିଟର)ରେ ହାସ୍ୟ ଅଭିନେତାଙ୍କ ନିକଟକୁ ଏହି ବିଜ୍ଞାପନ ପଠାଇ ପଚାରିଥିଲେ, "କପିଲ ସାର୍ ଦୟାକରି ସ୍ପଷ୍ଟ କରନ୍ତୁ ଯେ ଏହି ଖବର ସତ କି? କାରଣ ଆମେ ହାଇଦ୍ରାବାଦରେ ରହୁଛୁ ଓ ଆପଣଙ୍କ ବଡ଼ ପ୍ରଶଂସକ। ଆପଣଙ୍କୁ ଲାଇଭ୍ ଦେଖିବାକୁ ଇଚ୍ଛୁକ।" କପିଲ ଏକ୍ସରେ ଏହି ପୋଷ୍ଟକୁ ଦେଖିବା ପରେ ସ୍ପଷ୍ଟ କରିଛନ୍ତି ଯେ, ଏହି ବିଜ୍ଞାପନ ମିଛ। ଆମେ ଲାଇଭ୍ ସୋ' ପାଇଁ ଟିକେଟ ବିକ୍ରି କରୁନାହୁଁ। ଲାଇଭ୍ ସୁଟ୍ ଦେଖିବା ପାଇଁ ଆମେ ଆମ ଦର୍ଶକଙ୍କୁ କେବେବି ଗୋଟିଏ ଟଙ୍କା ଚାର୍ଜ କରୁନାହୁଁ। ଏହି ପ୍ରକାରର ଠକ ଲୋକଙ୍କ ପ୍ରତି ସାବଧାନ ରୁହନ୍ତୁ। ଧନ୍ୟବାଦ।"



# ଆଲିଶାନ ଆପାର୍ଟମେଣ୍ଟର ମାଲିକାଣି ହେଲେ ସୋନାକ୍ଷୀ



ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ବର୍ତ୍ତମାନ ସେ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ତାହା ପୁଣି ତାଙ୍କ କୌଣସି ଫିଲ୍ମ ପାଇଁ ନୁହେଁ ବରଂ ତାଙ୍କ ନୂଆ ଘରକୁ ନେଇ ଆଲୋଚନାରେ ଅଛନ୍ତି। ନିକଟରେ ଖବର ଆସିଥିଲା ??ଯେ ଅଭିନେତ୍ରୀ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି। ତାଙ୍କର ଏହି ସମୁଦ୍ର ମୁହାଁ ଫ୍ଲାଟ ଅତ୍ୟନ୍ତ ବିଳାସପୂର୍ଣ୍ଣ । ବିଶେଷ କଥା ହେଉଛି ତାଙ୍କ ଫ୍ଲାଟ କୋଠାର ଉପର ମହଲାରେ । ଜାଣିଛନ୍ତି କି ଅଭିନେତ୍ରୀ କେଉଁଠାରେ ଫ୍ଲାଟ କିଣିଛନ୍ତି ଏବଂ ଏହାର ମୂଲ୍ୟ କ'ଣ? ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସୋନକ୍ଷୀ ସିହ୍ନାଙ୍କ ଏହି ଫ୍ଲାଟ ବାନ୍ଦ୍ରା କେସି ରୋଡ ନିକଟରେ ଅବସ୍ଥିତ। ୮୧ ଓରିୟଟ ବିଲଡିଂର ୨୬ତମ ମହଲାରେ ଅଛି । ଏହା ୨୨୦୮.୭୭ ବର୍ଗଫୁଟର ଫ୍ଲାଟ ବୋଲି କୁହାଯାଏ । ବିଳାସପୂର୍ଣ୍ଣ ସାମଗ୍ରୀ ସହିତ ସଜ୍ଜିତ ଏହି ଆପାର୍ଟମେଣ୍ଟର ମୂଲ୍ୟ ପ୍ରାୟ ୧୧ କୋଟି ଟଙ୍କା ବୋଲି କୁହାଯାଉଛି। ସୋନାକ୍ଷୀ ସିହ୍ନା ଅଗଷ୍ଟ ୨୦୨୩ରେ ତାଙ୍କର ନୂଆ ଫ୍ଲାଟ ପଞ୍ଜିକୃତ ହୋଇଥିଲେ। କୁହାଯାଉଛି ଯେ ଏହି ଅଭିନେତ୍ରୀ ଷ୍ଟାମ୍ପ ଡ୍ୟୁଟି ୫୫ ଲକ୍ଷ ଟଙ୍କା ଦେଇଛନ୍ତି। ଅଭିନେତ୍ରୀଙ୍କ ଏହି ଘରେ ଲବି, ଟଏଲେଟ୍ ଏବଂ ଏୟାର ହ୍ୟାଣ୍ଡଲିଂ ୟୁନିଟ୍ ଭଳି ସୁବିଧା ରହିଛି । ଏହା ବ୍ୟତୀତ ସୋନାକ୍ଷୀ ବିଲଡିଂରେ ୪ ଟି କାର ପାର୍କିଂ ମଧ୍ୟ ପାଇଛନ୍ତି। ବର୍ତ୍ତମାନ ସୋନାକ୍ଷୀ ତାଙ୍କ ନୂଆ ଘର ସମ୍ପର୍କରେ କୌଣସି ସରକାରୀ ବିବୃତ୍ତି ଦେଇନାହାଁନ୍ତି। କିନ୍ତୁ ତାଙ୍କର ଘରର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ସେପ୍ଟେମ୍ବର ୨୪ରେ ବାଜିବ ପରିଣୀତି-ରାଘବଙ୍କ ଶାହାନାଇ

ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ଆପ୍ ନେତା ରାଘବ ଚଡ୍ଢାଙ୍କ ବିବାହ ନିମନ୍ତ୍ରଣ ପତ୍ର ଆସିବା ସହ ଭାଇରାଲ୍ ହୋଇଛି । ଉଭୟ ପଞ୍ଜାବ ରୀତିନୀତିରେ ସେପ୍ଟେମ୍ବର ୨୪ରେ ବିବାହ କରିବେ । ପରିଣୀତି ଓ ରାଘବଙ୍କ ବିବାହର ସମସ୍ତ କାର୍ଯ୍ୟକ୍ରମ ଉଦୟପୁର ସ୍ଥିତ ହୋଟେଲ ଲୀଳା ଓ ତାଜ୍ ଲେକ୍ ପ୍ୟାଲେସରେ ହେବ । ୱେଡିଂ କାର୍ଡ ଅନୁସାରେ, ପରିଣୀତି ଓ ରାଘବଙ୍କ ବିବାହ ଉତ୍ସବ ସେପ୍ଟେମ୍ବର ୨୩ରୁ ଆରମ୍ଭ ହୋଇ ୨୪ ତାରିଖ ଯାଏ ଚାଲିବ । ସଙ୍ଗୀତ କାର୍ଯ୍ୟକ୍ରମ ପାଇଁ ନବେ ଦଶକର ଥିମ୍ ରଖା ଯାଇଛି । ୨୪ ତାରିଖରେ ବିବାହ ନେଇ ଉଭୟ ସ୍ପଷ୍ଟ କରିଛନ୍ତି । ଆଜିକ ଠିକ୍ ୧୧ ଦିନ ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେବେ । ରାଜସ୍ଥାନର ଦି ଲୀଳା ପ୍ୟାଲେସରେ ବିବାହ ହେବ । ରାଘବଙ୍କ ହାତ ଧରି ପରିଣୀତି ସାଘ ଘେରା ବୁଲିବେ । ବିବାହ ପରେ ଦି ତାଜ୍ ଲେକରେ ନବବିବାହିତ ଦମ୍ପତି ଦେବେ ରିସେପସନ୍ ପାର୍ଟି । ୨୩ ତାରିଖ ସକାଳେ ପରିଣୀତିଙ୍କ ଚୁଡ଼ା ସେରିମନି ମହାରାଜା ସୁଇଟରେ ହେବ । ୨୪ ତାରିଖ ପରିଣୀତି ଓ ରାଘବଙ୍କ ପାଇଁ ସ୍ମରଣୀୟ ରହିବ । ଦିନ ୨ଟାରେ ବର ବିବାହ ଶୋଭାଯାତ୍ରାରେ ବାହାରିବ । ଲୀଳା ପ୍ୟାଲେସରେ ବିବାହ ଅନୁଷ୍ଠିତ ହେବ । ଅପରାହ୍ଣ ୩ଟାରେ ଜୟମାଳା ପରେ ସନ୍ଧ୍ୟା ସାଢ଼େ ୬ଟାରେ ବିଦାୟୀ ହେବ । ରାତି ସାଢ଼େ ୮ଟାରୁ ଆରମ୍ଭ ହେବ ରିସେପସନ୍ ପାର୍ଟି ।




# ରଜନୀକାନ୍ତଙ୍କ 'ଜେଲର'ର ଧମାକା, ମେକର୍ସ ଖୁସି ହୋଇ ୩୦୦ କୁ ସଦସ୍ୟଙ୍କୁ ଦେଲେ ସୁନାର ଉପହାର



ରଜନୀକାନ୍ତଙ୍କ ଜେଲର ଅନେକ ବକ୍ସ ଅଫିସ୍ ରେକର୍ଡ ଭାଙ୍ଗି ସାରିଛି। ଫିଲ୍ମ ୫୦୦ କୋଟି ଟଙ୍କା ଅତିକ୍ରମ କରିଛି। ଏହି ସମୟରେ, ଫିଲ୍ମର ନିର୍ମାତା କାଲାନିଥୀ ମାରାନ୍, ସନ୍ ପିକ୍ଚର୍ସର ମାଲିକ, ୩୦୦ ରୁ ଅଧିକ କୁ ସଦସ୍ୟଙ୍କୁ ସୁନା ମୁଦ୍ରା ଉପହାର ଦେଇଥିଲେ । ଏହି ଚଳଚ୍ଚିତ୍ରରେ କାମ କରିଥିବା ଲୋକଙ୍କୁ ଧନ୍ୟବାଦ ଜଣାଇବା ପାଇଁ ଜେଲର ନିର୍ମାତା କଲାନିଧି ମାରାନ ମିଡିଆ ସମୁହ ସନ୍ ଗ୍ରୁପର ପ୍ରତିଷ୍ଠାତା ଅଟନ୍ତି। ରବିବାର ଦିନ ସେମାନଙ୍କୁ ଏକ ସୁନା ମୁଦ୍ରା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଚଳଚ୍ଚିତ୍ର ବିଶ୍ଳେଷକ ମନୋବାଲା ବିଜୟବାଲାନ୍ ଭିଡିଓ ସେୟାର କରି ଲେଖିଛନ୍ତି, "**BREAKING:** କଲାନିଥୀ ମାରନ୍ ଆଜି ସୁନା ମୁଦ୍ରା ସହିତ ଜେଲର ପାଇଁ କାମ କରୁଥିବା ୩୦୦ରୁ ଅଧିକ ଲୋକଙ୍କୁ ସମ୍ମାନିତ କରିଛନ୍ତି।"ଏହାପୂର୍ବରୁ ଫିଲ୍ମର ସଫଳତାକୁ ପାଳନ କରି ଫିଲ୍ମର ନିର୍ମାତା ଗତ ସପ୍ତାହରେ ସେପ୍ଟେମ୍ବର ୧ ଶୁକ୍ରବାର ଦିନ ରଜନୀକାନ୍ତଙ୍କୁ ଈଗଡ ଢ୭ ଏବଂ ପୋର୍ସେ ନିର୍ଦ୍ଦେଶକ ନେଲସନଙ୍କୁ ଉପହାର ଦେଇଥିଲେ। ସେପ୍ଟେମ୍ବର ୪ରେ ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚାନ୍ଦଙ୍କୁ ମଧ୍ୟ ମାରାନଙ୍କ ଦ୍ୱାରା ୧.୫ କୋଟି ଟଙ୍କା ମୂଲ୍ୟର ଏକ ନୂତନ ପୋର୍ସେ କାର ଉପହାର ଦିଆଯାଇଥିଲା। ଏହାର ଭିଡିଓ ପ୍ରଡକ୍ସନ୍ ବ୍ୟାନର୍ ସନ୍ ପିକ୍ଚର୍ସର ସୋସିଆଲ୍ ମିଡିଆ ହ୍ୟାଣ୍ଡଲ୍ସ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ କ୍ୟାପ୍ସନ୍ ସହିତ ସେୟାର କରାଯାଇଛି, "ବିରାଟ ବ୍ଲକବଷ୍ଟର ଜେଲରଙ୍କୁ ପାଳନ କରିବା ପାଇଁ ଶ୍ରୀ କଲାନିଥୀ ମାରାନ ଏକ ନୂତନ ପୋର୍ସେ କାରର ଚାବି ଉପହାର ଦେଇଛନ୍ତି।"

# ୩୮ତମ ବିବାହବାର୍ଷିକୀ ପରେ ଚର୍ଚ୍ଚାରେ ମୁକେଶ ଓ ନୀତା ଅମ୍ବାନୀ

ମୁକେଶ ଅମ୍ବାନୀ ଏବଂ ତାଙ୍କ ପତ୍ନୀ ନୀତା ଅମ୍ବାନୀ ହେଉଛନ୍ତି ଦୁନିଆର ସବୁଠାରୁ ଧନୀ ଦମ୍ପତି। ସେମାନଙ୍କ ନମ୍ର ଭାବ ଲୋକଙ୍କୁ ବେଶ ଆକୃଷ୍ଟ କରିଥାଏ।

ମୁକେଶ ମ୍ବାନୀ ତାଙ୍କର ବ୍ୟବସାୟ ପାଇଁ ଜଣାଶୁଣା ଥିବା ବେଳେ ନୀତା ଅମ୍ବାନୀ ତାଙ୍କ ସ୍ୱାମୀଙ୍କୁ ସବୁ କ୍ଷେତ୍ରରେ ସମର୍ଥନ କରି ଆଜି ପର୍ଯ୍ୟନ୍ତ ଆଗେଇ ଚାଲିଛନ୍ତି। ଯେଉଁଥିପାଇଁ ତାଙ୍କୁ ନେଇ ଅନେକ ସମୟରେ ଚର୍ଚ୍ଚା ଜୋର ଧରିଥାଏ। ନୀତା ଅମ୍ବାନୀ ଏବଂ ମୁକେଶ ଅମ୍ବାନୀ ୩୮ ବର୍ଷ ହେବ ପତି-ପତ୍ନୀ ହୋଇ ରହିଛନ୍ତି। ମୁକେଶ ନୀତାଙ୍କୁ ଟ୍ରାଫିକରେ ପ୍ରେମ ପ୍ରସ୍ତାବ ଦେଇଥିଲେ। ଦୁହିଁଙ୍କ ପ୍ରେମକାହାଣୀ ଆଜି ବି ଚର୍ଚ୍ଚାରେ ରହିଥାଏ।

ଏହି ଧନୀ ଦମ୍ପତିଙ୍କ ବିବାହ ୧୯୮୫ ମସିହାରେ ଧୁମଧାମରେ ସମ୍ପର୍ଣ୍ଣ ହୋଇଥିଲା। ଚଳିତବର୍ଷ ମାର୍ଚ୍ଚ ୮ରେ ଦୁହେଁ ନିଜର ୩୮ତମ ବିବାହବର୍ଷିକୀ ପାଳନ କରିଥିଲେ। ଏହି ଉତ୍ସବରେ ସବୁକିଛି ସ୍ୱତନ୍ତ୍ର ରହିଥିଲା। ତେବେ ସବୁଠାରୁ ନୀତା ଓ ମୁକେଶଙ୍କ ବିବାହବାର୍ଷିକୀ ପାଇଁ ପ୍ରସ୍ତୁତ ହୋଇଥିବା କେକ୍ ଆକର୍ଷଣୀୟ ଥିଲା। ଯାହାର ଏକ ଫଟୋ ଫ୍ୟାନ ପେଜରେ ସେୟାର କରାଯାଇଥିଲା। ଏହି ଫଟୋ ଏବେ ସୋସିଆଲ ମିଡିଆରେ ପୁଣିଥରେ ଭାଇରାଲ ହୋଇଯାଇଛି।

ତେବେ ୩୮ତମ ବିବାହ ବାର୍ଷିକୀ ପାଳନ କରିଥିବା ମୁକେଶ ଓ ନୀତା ଅମ୍ବାନୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଦୁହିଁଙ୍କୁ ଯିଏ ଦେଖୁଛନ୍ତି ସିଏ ପ୍ରଶଂସା କରି ରହି ପାରୁ ନାହାନ୍ତି। କାରଣ ବିବାହକୁ ଏତେ ବର୍ଷ ବିତି ଯାଇଥିଲେ ସୁଦ୍ଧା ଦୁହିଁଙ୍କ ମଧ୍ୟରେ



ଉଚିତ ବୁଝାମଣା ରହିଛି। ଦୁହେଁ ନିଜନିଜ ଜୀବନରେ ଖୁବ ବ୍ୟସ୍ତ କିନ୍ତୁ ତା'ପରେ ବି ପରସ୍ପରକୁ ସମୟ ଦେବାକୁ ଦୁହେଁ କେବେ ଭୁଲନ୍ତି ନାହିଁ। ଯାହାବି କିଛି କରିବାର ଥାଏ ଦୁହେଁ ବସି ଆଲୋଚନା କରିବା ପରେ ହିଁ ଆଗକୁ ବଢ଼ି ଥାଆନ୍ତି।

# ସହଜରେ ଚିହ୍ନଟ ହେବ କର୍କଟ: ଉପାୟ ବାହାର କଲେ ଭାରତୀୟ ବୈଜ୍ଞାନିକ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): କ୍ୟାନସର ବା କର୍କଟର ଚିହ୍ନଟ ଓ ଏହାର କର୍କଟ ସୃଷ୍ଟିକାରୀ ସେଲ୍‌କୁ ନଷ୍ଟ କରିବା ପାଇଁ ବୈଜ୍ଞାନିକମାନେ ନୂଆ ବାଟ ବାହାର କରିଛନ୍ତି । ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏସ୍‌ସି)ର ବୈଜ୍ଞାନିକ ମାନେ ସୁନା ଓ କପର ସଲ୍‌ଫାଇଡରୁ ପ୍ରସ୍ତୁତ ହାଇବ୍ରିଡ୍ ନାନୋପାର୍ଟିକିଲ୍‌ସ ପ୍ରସ୍ତୁତ କରିଛନ୍ତି । ଉତ୍ତାପର ପ୍ରୟୋଗ ଫଳରେ ଏହା କ୍ୟାନସର ସେଲ୍‌କୁ ମାରିଦେବା ସହିତ ଶବ୍ଦର ତରଙ୍ଗ ଜରିଆରେ ବିଭିନ୍ନ ପ୍ରକାରର କର୍କଟକୁ ଚିହ୍ନଟ ହୋଇପାରୁଛି । ଏସିଏସ୍ ଆପ୍ଲାଏଡ୍ ନାନୋ ମାଟେରିଆଲ୍‌ସରେ ଏହା ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଛି । ବିଶେଷକରି ଫୁସଫୁସ୍ ଓ ଜରାୟୁ କର୍କଟର ସେଲ୍ ଲାଇନ୍‌ରେ ସୁନା ଓ କପର ସଲଫାଇଡ୍‌କୁ ନାନୋ ପାର୍ଟିକିଲ୍‌ରେ ପରିଣତ କରି ଏହାକୁ ପରୀକ୍ଷଣ କରାଯାଇଛି । ପୂର୍ବରୁ କପର ସଲ୍‌ଫାଇଡ୍‌କୁ କର୍କଟର ଡାଏଗ୍ନୋସିସ୍ ପାଇଁ ବ୍ୟବହାର



ହୋଇଥିବା ବେଳେ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତେବେ ସୁନାର ନାନୋପାର୍ଟିକିଲ୍‌କୁ ରସାୟନିକଭାବେ ପରିବର୍ତିତ କରି କ୍ୟାନସର ସେଲ୍‌କୁ ଟାର୍ଗେଟ୍ କରାଯିବା ପରେ ଏହାର କର୍କଟ ବିରୋଧୀ ପ୍ରଭାବ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି । ଏସବୁ ପାର୍ଟିକିଲ୍‌ରେ ଫଟୋଥର୍ମାଲ (ଆଲୋକ ଓ ଉତ୍ତାପ) ଅକ୍ସିଡେଟିଭ୍ ଷ୍ଟ୍ରେସ୍ ଓ ଫଟୋଆକଷ୍ଟିକ୍(ଆଲୋକ ଓ ଶବ୍ଦ) ଗୁଣ ରହିଥିବା କହିଛନ୍ତି ଆଇଆଇଏସ୍‌ସିର ସହକାରୀ ପ୍ରଫେସର ଜୟ ପ୍ରକାଶ । ଯେତେବେଳେ ଏହି ହାଇବ୍ରିଡ୍ ନାନୋପାର୍ଟିକିଲ୍‌କୁ ଆଲୋକ ପକାଯାଏ ପାର୍ଟିକିଲ୍‌ଟି ଏହି ଆଲୋକକୁ ଗ୍ରହଣ କରିନେବା ସହିତ ଉତ୍ତାପ ସୃଷ୍ଟି କରିଥାଏ । ଯାହାକି କ୍ୟାନସର ସେଲ୍‌କୁ ନଷ୍ଟ କରିବାରେ ସକ୍ଷମ ହୋଇପାରୁଛି । ଏହାସହ ସଂପୃକ୍ତ ନାନୋପାର୍ଟିକିଲ ଗୁଡ଼ିକ ଏକକ ଅକ୍ସିଜେନ୍ ଆଟମ ଉତ୍ପାଦିତ କରିଥାଏ, ଯାହାକି କ୍ୟାନସର ସେଲ୍ ପାଇଁ ଘାତକ ସାବ୍ୟସ୍ତ ହେଉଛି । ଉଭୟ ପଦ୍ଧତିରେ କ୍ୟାନସର ସେଲ୍‌କୁ ମାରିବା ସମ୍ଭବ ହୋଇପାରୁଥିବା ସେମାନେ ଦର୍ଶାଇଛନ୍ତି । କେବଳ କ୍ୟାନସର ସେଲ୍‌କୁ ନଷ୍ଟ କରିବା ନୁହେଁ, ଏହି ନାନୋପାର୍ଟିକିଲଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ କ୍ୟାନସରର ଚିହ୍ନଟରେ ମଧ୍ୟ ସହାୟକ ହୋଇପାରୁଛି । ଏବେ କ୍ୟାନସର ଚିହ୍ନଟ ପାଇଁ କମ୍ପ୍ୟୁଟରୀକୃତ ଟୋମୋଗ୍ରାଫି (ସିଟି) ଓ ମ୍ୟାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ(ଏମ୍ଆରଆଇ) ସ୍କାନ୍ କରାଯାଇଥିବା ବେଳେ ଏଥିପାଇଁ ତାଲିମପ୍ରାପ୍ତ ରେଡିଓଲୋଜିଙ୍କ ଆବଶ୍ୟକତା ରହିଛି । ମାତ୍ର ନାନୋପାର୍ଟିକିଲ୍‌ଙ୍କ ଫେଟୋଆକଷ୍ଟିକ୍ ଗୁଣ ଆଲୋକକୁ ଗ୍ରହଣ କରିନେବା ସହିତ ଅଲ୍‌ଟ୍ରାସାଉଣ୍ଡ ତରଙ୍ଗ ସୃଷ୍ଟି କରିଥାଏ । କଣିକାଗୁଡ଼ିକ ସେଲ୍ ନିକଟରେ ପହଞ୍ଚିବା ପରେ ତାହା କ୍ୟାନସର ସେଲ୍ କି ନୁହେଁ ଚିହ୍ନଟ କରିଥାଏ । ଅଲଟ୍ରାସାଉଣ୍ଡ ତରଙ୍ଗରୁ ସୃଷ୍ଟି ହୋଇଥିବା ସ୍କାନ୍ ଜରିଆରେ ଟ୍ୟୁମରରେ ଅକ୍ସିଜେନ୍ ସାଚୁରେସନ୍ ସଂପର୍କରେ ସ୍ୱଷ୍ଟ ଜଣାପଡୁଛି । ଟ୍ୟୁମର ନିକଟରେ ସହଜରେ ପହଞ୍ଚିବା ଲାଗି ବୈଜ୍ଞାନିକମାନେ କପର ସଲଫାଇଡ୍ ଉପରେ ଛୋଟ ଛୋଟ ମଞ୍ଜି ସଦୃଶ୍ୟ ସୁନାକୁ ରଖିପାରିଛନ୍ତି । ଯାହାକି ଟିସୁ ମଧ୍ୟରେ ସହଜରେ ଯାତାୟତ କରିପାରୁଛି । ତେବେ ଏହି ପଦ୍ଧତି କେତେ ନିରାପଦ ତାହାକୁ ସୁନିଶ୍ଚିତ କରିବା ପାଇଁ ଅଧିକ ଗବେଷଣା ଜାରି ରହିଥିବା କୁହାଯାଇଛି ।

# ଭୋଟର ସଚେତନତା ଅଭିଯାନ

ପୁରୀ , ୧୪/୦୯ (ନି.ପ୍ର): ଭାରତ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ନିର୍ବାଚନ ଗଣତନ୍ତ୍ରର ମହାପର୍ବ ।ଏହି ମହାପର୍ବ କୁ ଅଧିକ ଋଦ୍ଧିମନ୍ତ କରିବ ଏକ ସୁସ୍ଥ ଭୋଟର ତାଲିକା ଓ ସମସ୍ତ ଙ୍କ ମତଦାନ ବୋଲି କହିଛନ୍ତି ବରିଷ୍ଠ ଅଧିକାରୀମାନେ ।ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଭୋଟର ସଚେତନତା ଅଭିଯାନ ମୁଁ ବି ମିତା ର ଶୁଭାରମ୍ଭ ହୋଇଥିଲା । ଏଥିରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏକ ତୃଟି ଶୂନ୍ୟ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ସହ ସମସ୍ତ ସାବାଳକ ଯେପରି ଭୋଟର ତାଲିକାରେ ସାମିଲ ହେବେ ସେଥିପାଇଁ ସମସ୍ତଙ୍କ ସହାୟତା ନିଆଯାଉଛି । ବିଭିନ୍ନ କଲେଜ ର ସ୍ୱଛାସେବୀ ଭାବେ ମୁଁ ବି ମିତା ମାନଙ୍କୁ ଦାୟିତ୍ୱ ଦିଆଯାଇ ୧୮ବର୍ଷ ହୋଇଥିବା ବା ହେବାକୁ ଥିବା ପିଲା ମାନଙ୍କୁ ଭୋଟର ତାଲିକାରେ ପଞ୍ଜିକରଣ ପାଇଁ ବ୍ୟବସ୍ଥା ହୋଇଛି ।ଭଲ କାମ କରୁଥିବା ମୁଁ ବି ମିତା ମାନଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯିବ ବୋଲି ଶ୍ରୀ ସାହୁ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ପ୍ରଥମେ ୨୧ ବର୍ଷ ରେ ଭୋଟର ହେଉଥିବା ବେଳେ ବର୍ତ୍ତମାନ ୧୮ ବର୍ଷ ବୟସ ରୁ ଭୋଟର ହେବା ପାଇଁ ନିର୍ବାଚନ ଆୟୋଗ ବ୍ୟବସ୍ଥା କରିଥିବାରୁ ଏଥିରେ ସମସ୍ତେ ସାମିଲ ହେବା ସହ ନିଶ୍ଚିତ ମତଦାନ କରି ଗଣତନ୍ତ୍ର କୁ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ । ଉପଜିଲ୍ଲାପାଳ ଭବତାରଣ ସାହୁ ବିଶଦ ତଥ୍ୟ ପ୍ରଦାନ ସହ ପୁରୀ ଜିଲ୍ଲା ରେ ବିଭିନ୍ନ ମହାବିଦ୍ୟାଳୟର ୬୮ ଜଣ ଙ୍କୁ ମୁଁ ବି ମିତା ଭାବେ ଦାୟିତ୍ୱ ଦିଆଯାଇ ପ୍ରଶିକ୍ଷଣ ଦିଆଯାଉଛି ବୋଲି କହିଥିଲେ ।ପ୍ରତ୍ୟେକ ମୁଁ ବି ମିତା ଭୋଟର ହେଲ୍ପ ଲାଇନ ଆପ ଇନଷ୍ଟଲ କରି ସେବା ଯୋଗାଇ ଦେବାକୁ ସେ ଅନୁରୋଧ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା,ଡେପୁଟି କଲେକ୍ଟର ରାମଚନ୍ଦ୍ର ପଟ୍ଟନାୟକ, ରାକେଶ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ରାଜ ବଲ୍ଲଭ ନାୟକ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅନ୍ୟାନ୍ୟ କର୍ମଚାରୀ ଓ ବିଭିନ୍ନ କଲେଜର ମୁଁ ବି ମିତା ଓ ସହକାରୀ ଅଧିକାରୀ, କର୍ମଚାରୀ ମାନେ ଯୋଗ ଦେଇଥିଲେ । ପରେ ମୁଁ ବି ମିତା ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

## ୩ ଦିବ୍ୟାଙ୍ଗଙ୍କୁ ସହାୟତାର ହାତ ବଢ଼ାଇ ଚର୍ଚ୍ଚାରେ ଉପଜିଲ୍ଲାପାଳ

ଖୋର୍ଦ୍ଧା, ୧୪/୦୯ (ନି.ପ୍ର): ତିନି ଦିବ୍ୟାଙ୍ଗ ରାଜରାସ୍ତାରେ ଭିକ୍ଷା ବୃତ୍ତି କରୁଥିବା ଦେଖି ସେମାନଙ୍କୁ ସହାୟତାର ହାତ ବଢ଼ାଇ ଏବେ ଚର୍ଚ୍ଚାରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଦିପ୍ତିରଞ୍ଜନ ସେଠୀ। ଉପଜିଲ୍ଲାପାଳ ଶ୍ରୀ ସେଠୀ କୌଣସି କାମରେ ଭୁବନେଶ୍ୱର ଯାଉଥିବା ସମୟରେ ମୁକୁନ୍ଦପ୍ରସାଦ ରାସ୍ତାରେ ତିନି ଜଣ ଦିବ୍ୟାଙ୍ଗ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଡରେ ଭିକ୍ଷା ମାଗୁଥିବର ଦୃଶ୍ୟ ଦେଖିଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗଙ୍କ ଦୁଇ ଗୋଟି ଗୋଡ଼ ନଥିବାରୁ ସେ ରୋଡରେ ଗଡି ଗଡି ଭିକ୍ଷା ମାଗୁଥିଲେ ।ଏପରିକି ସାଙ୍ଗରେ ଥିବା ଅନ୍ୟ ଦୁଇ ଦିବ୍ୟାଙ୍ଗଙ୍କ ଗୋଟିଏ ଲେଖାଏଁ ଗୋଡ଼ ଥିଲା । ହେଲେ ହୁଇଲ ଚେୟାରରେ ଜଣେ ଦିବ୍ୟାଙ୍ଗ ବସିଥିବା ବେଳେ ଅନ୍ୟ ଜଣେ ଦିବ୍ୟାଙ୍ଗ ଟାଣ ଖରାରେ ହୁଇଲ ଚେୟାରକୁ ଠେଲି ଠେଲି ନେଉଥିଲେ । ସେମାନେ ରାଜ୍ୟ ବାହାରର ହୋଇଥିବା ଜଣାପଡିଥିଲା । ଏଭଳି ଦୃଶ୍ୟ ଦେଖି ଉପ ଜିଲ୍ଲାପାଳ ନିଜ ଗାଡ଼ିରୁ ଓହ୍ଲାଇ ସେମାନଙ୍କ ପାଖକୁ ଯାଇଥିଲେ ।

# ଜେଲରେ ଶିକ୍ଷା ନେଇଥିବା ଦକ୍ଷତା ସ୍ୱାବଲମ୍ବୀ ବନାଇଲା: ସହଯୋଗର ହାତ ବଢାଇଲା ତପଭୂମୀ ଟ୍ରଷ୍ଟ

ରାୟଗଡା, ୧୪/୦୯ (ନି.ପ୍ର): ଜେଲରେ ଶିକ୍ଷା ନେଇଥିବା ଦକ୍ଷତା କିପରି ନିଜ ଜୀବନକୁ ବଦାଇବା ସହ ସାଧାରଣ ଜୀବନଯାପନ କରିବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି ତାହାର ଏକ ଜ୍ୱଳନ୍ତ ଉଦାହରଣ ରାୟଗଡାରେ ଦେଖିବାକୁ ମିଳିଛି । ରାୟଗଡା ବ୍ଲକର ବାଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଗ୍ରାମ ଚଞ୍ଚରା ଡୁଗୁମର କିଛି ଗ୍ରାମବାସୀ ଏକ ହତ୍ୟା ଘଟଣାରେ ଜେଲରେ ଭର୍ତ୍ତି ହୋଇଥିଲେ । ଜେଲରେ ଚାରି ବର୍ଷ ରହିବା ପରେ ସେଠାରେ ନିଜର ଚାଲିଚଳଣ ଏବଂ ବ୍ୟବହାରରେ ପରିବର୍ତ୍ତନ ଆସିଥିଲା । ଜେଲରେ ରହି ସୂତା କାଟିବା ଏବଂ ଲୁଗା ବୁଣିବାର କଳାକୌଶଳ ଏହି ଗ୍ରାମବାସୀମାନେ ଶିକ୍ଷା ଲାଭ କରିଥିଲେ । ତେବେ ଜେଲରୁ ବାହାରିବା ପରେ କିପରି ଗୁଜରାଣ ମେଣ୍ଟାଇବେ ତାହାକୁ ନେଇ ଚିନ୍ତାରେ ପଡିଥିଲେ । ନିଜ ପାଖରେ ଦକ୍ଷତା ଥିଲେ ମଧ୍ୟ ଆର୍ଥିକ ଅନାଟନ ଦେଇ ଗତି କରୁଥିବାରୁ ଏହାର ବିନିଯୋଗ କରିପାରୁନଥିଲେ । ସମାଜସେବୀ ବଳରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଂଚଳରେ ହସ୍ତତନ୍ତ ଓ ଗ୍ରାମଦ୍ୟୋଗ କେନ୍ଦ୍ରର ସ୍ଥାପନ କରି ଏହି ଲୋକମାନଙ୍କୁ ସ୍ୱାବଲମ୍ବୀ ହେବାର ବାଟ ଦେଖାଇଥିଲେ । ତେବେ ଏମାନଙ୍କ ପାଇଁ ତପୋଭୂମୀ ଟ୍ରଷ୍ଟ ପକ୍ଷରୁ ଦୁଇଟି ହସ୍ତତନ୍ତ ମେସିନର ସହଯୋଗ କରାଯାଇଛି । ଯାହାଦ୍ୱାରା ସେମାନେ ସୂତାକାଟିବା ସହ ସାଢୀ, ଗାମୁଛା, ଲୁଙ୍ଗି ସହ ପୋଷାକ ନିମନ୍ତେ କପଡ଼ା ତିଆରି କରିପାରିବେ । ଏହି ୧୪ ଜଣ ଗ୍ରାମବାସୀଙ୍କ ସହ ଗ୍ରାମର ଅନ୍ୟମାନେ ମଧ୍ୟ ଏହି ତାଲିମ ନେବାକୁ ଆଗେଇ ଆସିଥିବା ଦେଖିବାକୁ ମିଳିଥିଲା ।



ବୁଧବାର ଦିନ ଏନେଇ ହସ୍ତତନ୍ତ କେନ୍ଦ୍ର ଉଦଘାଟନ କରାଯାଇଥିଲା । ଜାତୀୟ ସ୍ତରର ଗାନ୍ଧିବାଦୀ ସମାଜସେବୀ ଓ ତପୋଭୂମି ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଚିତ୍ତରଞ୍ଜନ ଷଡଙ୍ଗୀଙ୍କ ଦ୍ୱାରା କେନ୍ଦ୍ରର ଶୁଭ ଉଦଘାଟନ କରାଯାଇଥିଲା । ରାୟଗଡା ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ସହରର ବୁଦ୍ଧିଜୀବି,ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟ, ବିକାଶ ସମିତିର ସଭ୍ୟବୃନ୍ଦ ଓ ୨ ଶହରୁ ଉର୍ଦ୍ଧ ଗ୍ରାମବାସୀ ଆନନ୍ଦର ସହିତ ଉଦଘାଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ମୁଖ୍ୟ ଅତିଥି ଶ୍ରୀ ଷଡଙ୍ଗୀ କହିଲେ ଆଜିର ଜଗତୀକରଣ ଯୁଗରେ ମଧ୍ୟ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଖଦି ବସ୍ତ୍ର ପୁନର୍ବାର ନିଜ ମହତ୍ୱ ସାବ୍ୟସ୍ତ କରିବାରେ ସକ୍ଷମ ହୋଇଛି । ଅନ୍ତର୍ଜାତୀୟ ବଜାରରେ ଖାଲି ଖଦି ବସ୍ତ୍ରର ଚାହିଦା ବୃଦ୍ଧି ପାଇନାହିଁ ଆମ ଦେଶରେ ମଧ୍ୟ ଖଦି ବସ୍ତ୍ର ପ୍ରତି ଯୁବ ପିଢୀ ଆକର୍ଷିତ ହେଉଛି ।ଏକ ସ୍ୱାଧୀନ ଦେଶର ନାଗରିକ ନିଜ ଖାଦ୍ୟ, ବସ୍ତ୍ର ଓ ବାସଗୃହ ବ୍ୟବସ୍ଥା ନିଜ ପରିବେଶ ଓ ନିଜ ଜ୍ଞାନକୌଶଳର ଉପଯୋଗରେ କରିପାରିଲେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଗ୍ରାମ ସ୍ୱରାଜ୍ୟ ଓ ସ୍ୱାବଲମ୍ବନ ସ୍ୱପ୍ନ ସଫଳ ହୋଇପାରିବ ବୋଲି ସେ ନିଜ ବକ୍ତବ୍ୟରେ ଜୋର୍ ଦେଇଥିଲେ । ଖଦି ସହିତ ଅନ୍ୟାନ୍ୟ ଗ୍ରାମଦ୍ୟୋଗକୁ ଯୋଡିବାର ପ୍ରୟାସ ବିଷୟରେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ସମାଜସେବୀ ଅବରପ୍ରାପ୍ତ ପ୍ରଫେସର ଦୁଷ୍ମନ୍ତ ମହାନ୍ତି ନିଜ ବକ୍ତବ୍ୟରେ କହିଲେ ବିଲୁପ୍ତପ୍ରାୟ ଖଦିର ପୁନରୁଦ୍ଧାର ସମାଜସେବୀ ବଳରାମ ପଣ୍ଡାଙ୍କର ଏକ ଅଭିନବ ପ୍ରୟାସ ଓ ଏହା ସାମ୍ପ୍ରତିକ ସମୟରେ ଅତୀବ ମହତ୍ତ୍ୱପୂର୍ଣ୍ଣ । ଆଦିବାସୀ ଯୁବଶକ୍ତିକୁ ରୋଜଗାରକ୍ଷମ କରିବା ଓ ଦାଦନ ଦୁଃଖରୁ ମୁକ୍ତି ଦେବା ପାଇଁ ତପୋଭୂମିର ଏଭଳି ଉଦ୍ୟମ ଆଦିବାସୀ ଅଂଚଳରେ ନୂତନ ଆଶା, ବିଶ୍ୱାସ ସୃଷ୍ଟି କରିବ ବୋଲି ସେ ଆଶା ପୋଷଣ କରିଥିଲେ । ତପୋଭୂମି ଟ୍ରଷ୍ଟ ତରଫରୁ ପ୍ରଦତ୍ତ ଦୁଇଟି ହସ୍ତ ତନ୍ତକୁ ସଠିକ୍ ପରିଚାଳନା କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଆଗକୁ ଆହୁରି ଅଧିକ ତନ୍ତ ଓ ସୁତା କଟା ପାଇଁ ଚରଖା ବ୍ୟବସ୍ଥା କରିବାକୁ ଦାୟିତ୍ୱ ଦିଆଯାଇଥିଲା । ବାଇସିଙ୍ଗ ବିକାଶ ସମିତିର ସମ୍ପାଦକ ପଙ୍କଜ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସୋଲାର ପ୍ରକଳ୍ପ ଅଚଳ: ନିମ୍ନ ମାନର କାମ ଅଭିଯୋଗ

କନ୍ଧମାଳ , ୧୪/୦୯ (ନି.ପ୍ର): ସରକାର ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତିକ୍ଷ ତେବେ ନିମ୍ନ ମାନର କାର୍ଯ୍ୟ ସହ ପରିଚାଳନା ଗତ ଅବ୍ୟବସ୍ଥା ଯୋଗୁଁ ପ୍ରକଳ୍ପ ଗୁଡିକ ମାସ କେଇଟାରେ ଅକାମୀ ହୋଇ ପଡୁଛି । ସରକାର ଙ୍କ କୋଟି କୋଟି ଟଙ୍କା ପାଣି ରେ ପଡୁଛି ଯାହାର କି ଏକ ଉଦାହରଣ ଦେଖିବାକୁ ମିଳିଛି ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ବୁଢ଼ାଗୁଡା ରେ ଥିବା ବସୁଧା ପ୍ରକଳ୍ପ । କନ୍ଧମାଳ ଜିଲ୍ଲା ବୁଢ଼ାଗୁଡା ପଞ୍ଚାୟତ ୧ ନମ୍ବର ୱାର୍ଡରେ ଥିବା ଏହି ପ୍ରକଳ୍ପ ସିମେଲକିଆ ଗ୍ରାମରେ ଥିବା ଡପାକିଆ, ମାସନପାଙ୍ଗ ଗ୍ରାମକୁ ଆଜି ପର୍ଯ୍ୟନ୍ତ ଦିନକ ପାଇଁ ମଧ୍ୟ ପାଣି ପାଇନାହାନ୍ତି ଲୋକେ । ଯାହାରି ଫଳରେ ଏସବୁ ଗ୍ରାମର ୧୦୦ ରୁ ଉର୍ଦ୍ଧ ପରିବାର ରହୁଥିବା ବେଳେ ଗ୍ରାମରେ ପିଇବା ପାଣି ପାଇଁ ଏକ ସୋଲାର ପାଣି ଟାଙ୍କି ନିର୍ମାଣ ହୋଇଛି । ହେଲେ ଆଜକୁ ଦୁଇ ବର୍ଷ ରୁ ଉର୍ଦ୍ଧ ସମୟ ଧରି ନିର୍ମାଣ ସରିଥିଲେ ବି ଆଜି ପର୍ଯ୍ୟନ୍ତ କଯ୍ୟକ୍ଷମ ହୋଇପାରୁନାହିଁ । ଗ୍ରାମରେ ନିର୍ମାଣ ହେବା ଦିନଠାରୁ ଦିନକ ପାଇଁ ପାଣି ଆସୁନଥିବା ଅଭିଯୋଗ ହେଉଛି । ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା କଥାସିମେଲକିଆ ଗ୍ରାମର ସାନ୍ତନୁ ବିସମାଝୀ,ଦିଲ୍ଲୀପ ମଲ୍ଲିକ,ଗଙ୍ଗା ବିସମାଝୀ,ବଦକା ପ୍ରଧାନୀ,ରମା ମଲ୍ଲିକ,ଟବେରୀ ପ୍ରଧାନ,ଶିବ ପ୍ରଧାନୀ ପ୍ରମୁଖ ।ଅଭିଯୋଗ କରିଛନ୍ତି ।୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ପାଣି ଟାଙ୍କି ନିର୍ମାଣ କରାଯାଇ ଯେଉଁ ଉଦେଶ୍ୟରେ ପାନୀୟ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ତାହା ଏବେ ଅଚଳ ହୋଇପଡ଼ିଛି ।ଏନେଇ ବୁଢ଼ାଗୁଡା ସରପଞ୍ଚ ତାତୁରା ପ୍ରଧାନ ଙ୍କୁ ପଚାରିବାରୁ ସେକିଛି ଜାଣିନଥିବା କହିବା ସହିତ ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ରଙ୍କୁ ପଚାରି ବାରୁ ସେ ଏହି ପ୍ରକଳ୍ପ ଉପରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ସେପଟେ ଗ୍ରାମରେ ତୁରନ୍ତ ପାନୀୟଜଳ ପ୍ରକଳ୍ପ କୁ କାଯ୍ୟକ୍ଷମ କରା ନଗଲେ ଆଗାମୀ ଦିନରେ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳ ବାସୀ ।

# ଆୟୁଷ୍ମାନ ଭବଃ : ଜିଲ୍ଲାସ୍ତରୀୟ ଉନ୍ମୋଚନ ବୈଠକ

ଭବାନୀପାଟଣା, ୧୪/୦୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟର ସଭାଗୃହରେ ଭାରତ ସରକାରଙ୍କ ଧାରଣୀୟ ବିକାଶ ଲକ୍ଷ୍ୟ ୨୦୩୦ ଅନ୍ତର୍ଗତ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଏବଂ ଏଥିପାଇଁ ଜନ ସଚେତନତା ଉପଲକ୍ଷେ ଆୟୁଷ୍ମାନ ଭବର ଶୁଭ ଉନ୍ମୋଚନ ହୋଇଯାଇଛି । ଏହି ଉପଲକ୍ଷେ ଜାତୀୟସ୍ତରରେ ଭର୍ଚୁଆଲ ମୋଡରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହାର ଶୁଭ ଉନ୍ମୋଚନ କରିଛନ୍ତି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମନସୁଖ ମାଣ୍ଡଭିୟ ଦେଶକୁ ଏହାର କାର୍ଯ୍ୟ ଦକ୍ଷତା ଓ ଲକ୍ଷ୍ୟ ଉପରେ କହିଥିଲେ । ଏହି ଅବସରରେ କଳାହାଣ୍ଡି ସାଂସଦ ଶ୍ରୀ ବସନ୍ତ ପଣ୍ଡା ମୁଖ୍ୟ ଅତିଥି ରୂପେ ଏବଂ ସମ୍ମାନିତ ଅତିଥି ରୂପେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରୱାନ, ସି.ଡି.ଏମ. ଓ ପି.ଏଚ.ଓ ଡଃ ନିହାରେନ୍ଦ୍ର ପଣ୍ଡା, ଡି.ପି.ଏଚ.ଓ ଡଃ ରାଜେଶ ସାହୁ, ବରିଷ୍ଠ ଆଇନଜୀବୀ ଶ୍ରୀ ଜଗନ୍ନାଥ ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ । ବୈଠକ ପ୍ରାରମ୍ଭରେ ସି.ଡି.ଏମ.ଓ ଡଃ ନିହାରେନ୍ଦ୍ର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଏହି ଯୋଜନାର ଉଦ୍ଦେଶ୍ୟ, ଜିଲ୍ଲା ଓ ବ୍ଲକ ସ୍ତରରେ କାର୍ଯ୍ୟକାରିତା ଓ ଲକ୍ଷ୍ୟ ଉପରେ ସମ୍ୟକ ଧାରଣା ଦେଇଥିଲେ । ସୂଚନା ଅନୁସାରେ ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବା ପଖୱାଡା ଅନ୍ତର୍ଗତ ସାପ୍ତାହିକ ସ୍ୱାସ୍ଥ୍ୟମେଳା ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଆରମ୍ଭ ହେବ ଏବଂ ଏହା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ଉପକାରିତା ଉପରେ ଜନ ଜାଗରଣ ସୃଷ୍ଟି କରିବ । ପ୍ରଥମ ସପ୍ତାହରେ ଅଣ ସଂକ୍ରାମକ ରୋଗ ଯଥା ଉଚ୍ଚ ରକ୍ତଚାପ, ମଧୁମେହ, କର୍କଟ; ଦ୍ୱିତୀୟ ସପ୍ତାହରେ ସଂକ୍ରାମକ ରୋଗ ଡେଙ୍ଗୁ, ମ୍ୟାଲେରିଆ, ଯକ୍ଷ୍ମା ଇତ୍ୟାଦି; ତୃତୀୟ ସପ୍ତାହରେ ଶିଶୁ ସ୍ୱାସ୍ଥ୍ୟ, ପ୍ରଜନନ, ପୁଷ୍ଟିପୋଷଣ ଏବଂ ଚତୁର୍ଥ ସପ୍ତାହରେ ମାନସିକ ରୋଗ, ସିକେଲ ସେଲ ରୋଗ, ଚକ୍ଷୁ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯିବ । ଏହି ମେଳାରେ ମେଡିକାଲ କଲେଜ ରେ ବିଭିନ୍ନ ରୋଗର ବିଶେଷଜ୍ଞ ତଥା ଡାକ୍ତର ଙ୍କ ଦ୍ୱାରା ରୋଗର ଚିହ୍ନଟ, ନିଦାନ ଓ ଚିକିତ୍ସା ର ବ୍ୟବସ୍ଥା କରାଯାଇଛି । ସେଭଳି ଆସନ୍ତା ଅକ୍ଟୋବର ୨ ତାରିଖରେ ପ୍ରତ୍ୟେକ ଗ୍ରାମରେ ଓ ସହର ଅଂଚଳରେ ୱାର୍ଡମାନଙ୍କରେ ସଭା କରାଯାଇ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଆୟୁଷ୍ମାନ କାର୍ଡ, ଆଭା ଆଇଡି, ସିକିଲ ସେଲ ରୋଗ , ଟୀକାକରଣ, ଯକ୍ଷ୍ମା ରୋଗ ଚିହ୍ନଟ ର ବ୍ୟବସ୍ଥା କରାଯିବ । ଏହି ସେବା ପଖୱାଡା କାର୍ଯ୍ୟକ୍ରମ ମଧ୍ୟରେ ସମସ୍ତ ସଦର ଡାକ୍ତରଖାନା, ପି.ଏଚ.ସି, ସି.ଏଚ.ସି.ମାନଙ୍କରେ ସ୍ୱଚ୍ଛ ଅଭିଯାନ, ଅଙ୍ଗଦାନ ଶପଥ କାର୍ଯ୍ଯକ୍ରମ ଏବ ରକ୍ତଦାନ କାର୍ଯ୍ୟକ୍ରମ କରାଯିବ । ସାଂସଦ ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ସର୍ବେ ସନ୍ତୁ ନିରାମୟ ବାଣୀ ଉଚ୍ଚାରଣ କରି ଏହି ମହାନ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଭାଗିତା ସହ କେନ୍ଦ୍ର ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ଅବତାରଣ କରି ଜିଲ୍ଲାରେ ମେଡିକାଲ କଲେଜ , କ୍ରିଟିକାଲ କେୟାର ସେଂଟର, ଟ୍ରାଉମା କେୟାର ସେଂଟର, ନୂତନ ସି.ଏଚ.ସି , ପି.ଏଚ.ସି , ଅକ୍ସିଜେନ ପ୍ଲାଂଟ, କ୍ୟାନ୍ସର କେୟାର ହସ୍ପିଟାଲ ତଥା ମିଶନ ଇନ୍ଦ୍ରଧନୁଷ ଉପରେ ତଥ୍ୟ ରଖିଥିଲେ । ଜିଲ୍ଲାରେ ଜନଔଷଧି କେନ୍ଦ୍ର ଯଥାଶୀଘ୍ର ବ୍ୟବସ୍ଥା କରି ଗରିବ ଲୋକଙ୍କୁ ଅତି ଅଳ୍ପମୂଲ୍ୟରେ ଔଷଧ ଯୋଗାଇବାର ବ୍ୟବସ୍ଥା କରିବା ପାଇଁ ସିଡିଏମଓଙ୍କୁ କହିଥିଲେ । ଏହି "ଆୟୁଷ୍ମାନ ଭବ" କାର୍ଯ୍ୟକ୍ରମର ଓଡିଆ ଭାଷାରେ ଲିଫଲେଟ କରାଯାଇ ସମସ୍ତ ୱାର୍ଡ ମେମ୍ବର, ସରପଂଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟଙ୍କୁ ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ କହିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ନିଜ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟର ସହଯୋଗରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସ୍କିମ ର ପ୍ରଶଂସା କରି ଏହା ଯେଭଳି ଦୁର୍ଗମ ପାହାଡ ଅଂଚଳରେ ବାସ କରୁଥିବା ଜନଜୀବନକୁ ସେବା ପ୍ରଦାନ କରିପାରିବ ତା' ଉପରେ ଦୃଷ୍ଟି ଦେବାକୁ କହିଥିଲେ । ବରିଷ୍ଠ ଆଇନଜୀବୀ ଶ୍ରୀ ଜଗନ୍ନାଥ ମୁଣ୍ଡ ବର୍ତମାନ ସ୍ୱାସ୍ଥ୍ୟ ସେବା ଅତି ଉନ୍ନତମାନର ହେଉଛି ଓ ଏହାର ଉପକାର କିଭଳି ଲୋକ ପାଆନ୍ତୁ ଏବଂ ସୁଯୋଗ ନେବାକୁ ବ୍ୟାପକ ପ୍ରଚାର ପ୍ରସାର ର ଆବଶ୍ୟକ କହିବା ସହ "ଅଙ୍ଗଦାନ କାର୍ଯ୍ୟକ୍ରମ" ରେ ନିଜେ ପ୍ରଥମେ ମରଣୋତର ଅଙ୍ଗଦାନ କରିବାକୁ ସଭାରେ ନିଜର ଇଚ୍ଛା ଜାହିର କଲେ ।

# ବର୍ଷାରେ ଧରାଶାୟୀ ବିଦ୍ୟାଳୟ କୋଠା: ବର୍ତ୍ତିଗଲେ ପିଲା



ବାଲିଗୁଡା, ୧୪/୦୯ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷା କାରଣରୁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅଧୀନ ସିନ୍ଦ୍ରିଗାଁ ପଞ୍ଚାୟତର କିଲୁପଡ଼ା ପ୍ରାଥମିକ ବିଦ୍ୟାଳୟର ଛାତ ସହ କୋଠା ସଂପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି । ବୁଧବାର ସକାଳ ପ୍ରାୟ ସାଢ଼େ ୮ଟା ବେଳେ ଛାତଟି ପିଲର୍ ସହ ଭୁଶୁଡ଼ି ତଳେ ପଡ଼ିଯାଇଥିଲା । ତେବେ ବିଦ୍ୟାଳୟ ଖୋଲିବା ସମୟ ହୋଇ ନଥିବାରୁ ଏକ ବଡ଼ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇପାରିଛି । ଏପଟେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆନ୍ଦୋଳନ ଚାଲିଥିବାରୁ ଛାତ୍ରଛାତ୍ରୀ ଏତେବଡ଼ ବପତ୍ତିରୁ ବର୍ତ୍ତିଯାଇଛନ୍ତି । ୩୦ ବର୍ଷରୁ ଅଧିକ ଏହି ପୁରୁଣା ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୮ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ୨ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଛନ୍ତି । ତେବେ ବିଦ୍ୟାଳୟ କୋଠା ପୁରୁଣା ହୋଇଯାଇଥିବା ସାଙ୍ଗକୁ ମରାମତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଛାତରୁ ପାଣି ଗଳୁଥିଲା । ଏହାସହ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା । କାନ୍ଥରୁ ପ୍ଲାଷ୍ଟର୍ ବି ଝରୁଥିଲା । ଏନେଇ ପ୍ରଧାନଶିକ୍ଷକ ପ୍ରଶାନ୍ତ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାରମ୍ବାର ବ୍ଲକ୍ ଶିକ୍ଷାଧିକାରୀ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରିଥିଲେ । କିନ୍ତୁ କୋଠା ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିଲା । ଆଉ ଦୟନୀୟ ଓ ବିପଜ୍ଜନକ ଅବସ୍ଥାରେ ପିଲାମାନେ ପାଠ ପଢୁଥିଲେ । ଆଜି ସକାଳେ ଲଗାଣ ବର୍ଷା କାରଣରୁ ବିଦ୍ୟାଳୟର ଛାତ ଓ ପିଲର୍ ସଂପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଯାଇଥିଲା । ଯଦି ପାଠପଢ଼ା ଚାଲିଥିବା ସମୟରେ ଏଭଳି ଅଘଟଣ ଘଟିଥା'ନ୍ତା ତା'ହେଲେ କିଏ ଦାୟୀ ହୋଇଥାନ୍ତା ବୋଲି ଅଭିଭାବକ କହିଛନ୍ତି । ବାଲିଗୁଡ଼ା ବିଇଓ ମହେଶ୍ୱର ମାଝୀ କହିଛନ୍ତି, ବିଦ୍ୟାଳୟ କୋଠା ଭୁଶୁଡ଼ିବା ବିଷୟରେ ସୂଚନା ମିଳିଛି । ତେବେ କୋଠାର ମରାମତି ନଚେତ୍ ନୂଆ କୋଠା ନିର୍ମାଣ ପାଇଁ ବିଡିଓଙ୍କୁ ଅବଗତ କରାଯାଇଥିଲା । କିନ୍ତୁ କେହି ଏହାକୁ ଗୁରୁତ୍ୱ ଦେଲେ ନାହିଁ ।

# ଦଳିତ ମହିଳାଙ୍କୁ ଖୁଂଟରେ ବାନ୍ଧିବା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି

କେନ୍ଦ୍ରାପଡ଼ା, ୧୪/୦୯ (ନି.ପ୍ର): ଜିଲ୍ଲାର ମାର୍ଶାଘାଇ ଥାନା ଅଧିନ ଯଦୁପୁର ପଂଚାୟତ ରେ ଏକ ଅଭାବନୀୟ ଘଟଣା ଆଲୋଚନା ର ବିଷୟ ପାଲଟିଛି । ଜଣେ ଦଳିତ ମହିଳାଙ୍କୁ ସ୍ଥାନୀୟ ସରପଂଚ ୫ ଘଣ୍ଟା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଯ୍ୟାତନା ଦେଇଥିବା ୪୭୨/୨୩ରେ ଥାନାରେ ମାମଲା ରୁଜୁ ହୋଇଛି । ଏହି ଘଟଣା ଚଳିତ ମାସ ୪ ତାରିଖରେ ଘଟିଥିଲା ଓ ପୋଲିସ ଖବର ପାଇ ଘଟଣା ସ୍ଥଳରେ ଦଳିତ ମହିଳାଙ୍କୁ ଉଦ୍ଧାର କରି ସ୍ୱଧାର ଆଶ୍ରମରେ ଛାଡିଦେଇ ମାମଲାକୁ ଚାପି ଦେଇଥିଲା । ଘଟଣାରୁ ପ୍ରକାଶ ଯେ, ଯଦୁପୁର ଗ୍ରାମରେ ଏକ ପ୍ରେମ ସଂପର୍କ ଓ ବିବାହ ଘଟଣାରେ ସେହି ଗ୍ରାମର କିଛି ଲୋକଙ୍କ ସହ ସରପଂଚ ଶ୍ରୀକାନ୍ତ ବେହୁରା ଏହି ଦଳିତ ବୃଦ୍ଧା ମହିଳା ପ୍ରତିମା ସାମଲଙ୍କୁ ଦୋଷ ଦେଇ ଘରୁ ଚୁଟି ଧରି ଘୋଷାରି ଘୋଷାରି ମାଡ ମାରିବା ସହ ୫ଘଂଟା ବିଦ୍ୟୁତ୍ ଖୁଂଟରେ ବାନ୍ଧି ମୁହଁରେ କଳା ଓ ଗୋବର ବୋଳିଥିଲେ । ଏହି ଘଟଣାକୁ ପୋଲିସ ଚାପି ଦେଇଥିବା ବେଳେ ରାଜ୍ୟ ଦଳିତ ସଂଘର ଏକ ପ୍ରତିନିଧି ମଣ୍ଡଳୀ(ଅଲ ଓଡିଶା ମୂଳ ନିବାସୀ ୟୁନାଇଟେଡ ଫୋରମ) ମନୋରଞ୍ଜନ ଜେନା, ନଗେନ ଜେନା, ରାଜେନ୍ଦ୍ର ମଲିକ, ଅପୂର୍ବ ରଞ୍ଜନ ସେଠୀ ଓ ପଙ୍କଜ ମଲିକ ପ୍ରମୁଖ ଆଜି ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ନହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

# ପ୍ରଖ୍ୟାତ ସାହିତ୍ୟିକ ଡ଼ା ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ଏକାଦଶାହରେ ଅତିଥିମାନଙ୍କ ଦ୍ୱାରା ଭାବପୂର୍ଣ୍ଣ ସ୍ମୃତି ତର୍ପଣ



ଉଦଳା, ୧୪/୦୯ (ନି.ପ୍ର): ପ୍ରଖ୍ୟାତ ଚିକିତ୍ସିକ ଓ ସାରସ୍ୱତ ସାଧକ ଡ଼ା. ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ଏକାଦଶାହରେ ଉଦଳାର ସ୍ନେହ ତୁଳସୀ କଲ୍ୟାଣ ମଣ୍ଡପ ଠାରେ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ରବିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ସଫଳ ସଂଗଠକ ମନୋରଂଜନ ମଲ୍ଲିକ୍‌ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳି ସଭାରେ ପ୍ରଥିତ ଯଶା କବି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ଦିଲୀପ କୁମାର ଦୀକ୍ଷିତ ମୁଖ୍ୟ ଅତିଥି ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ତଥା ବରିଷ୍ଠ କବୟିତ୍ରୀ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଡ଼ା ୰ ମହାନ୍ତଙ୍କର ବହୁମୁଖୀ ପ୍ରତିଭା ତଥା ତାଙ୍କର ଅନନ୍ୟ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ମୃତି ସଭାର ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡ଼ାଃ ସ୍ୱର୍ଗୀୟ ମହାନ୍ତଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସ୍ମୃତି ଚାରଣ ଆରମ୍ଭରେ ସଭାପତିଙ୍କ ଦ୍ୱାରା ଦିବଂଗତ ସ୍ୱର୍ଗୀୟ ମହାନ୍ତଙ୍କର ଜୀବନାଦର୍ଶ ଉପରେ ସମ୍ୟକ ସୂଚନା ପରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ସମସ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଆୟୋଜିତ ବିଶାଳ ସ୍ମୃତି ସଭାରେ ସ୍ୱର୍ଗୀୟ ମହାନ୍ତଙ୍କୁ ନିବିଡ଼ ଭାବରେ ଭଲ ପାଉଥିବା ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିବାବେଳେ ଉଦଳା ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଭାସ୍କର ଚନ୍ଦ୍ର ମଡ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ପ୍ରଫେସର ମନୋରଂଜନ ମଲ୍ଲିକ୍, ପୂର୍ବତନ ଉପନଗରପାଳ ପ୍ରଭାତ କୁମାର ପରିଡ଼ା, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ, ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ସମାଜସେବୀ ବିଭୁତି ମହାନ୍ତ ଓ କୁଳ ପୁରୋହିତ ତ୍ରିଲୋଚନ ରଥ ସ୍ୱର୍ଗୀୟ ମହାନ୍ତଙ୍କର ନିଆରା ବ୍ୟକ୍ତିତ୍ୱ, ବହୁମୁଖୀ ପ୍ରତିଭା ଓ ସଫଳ ସାହିତ୍ୟ ସାଧନା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସ୍ମୃତିଚାରଣ ସଭାରେ ଉପସ୍ଥିତ ରହି ଅନ୍ୟ ଯେଉଁମାନେ ନିଜର ଭାବପୂର୍ଣ୍ଣ ବକ୍ତବ୍ୟରେ ୰ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କୁ ଜଣେ ଦରଦୀ ଚିକିତ୍ସକ, ତାଙ୍କର ଅନନ୍ୟ ସାହିତ୍ୟିକ କୃତି ଦେବକୁଣ୍ଡ ଓ ବଜିନାଥର ସ୍ରଷ୍ଟା, ସଫଳ କୃଷକ, ଆଦର୍ଶ ପିତା, ଲୋକପ୍ରିୟ ଜନନେତା ଓ ବହୁଦର୍ଶୀ ବ୍ୟକ୍ତିତ୍ୱ ଭାବରେ ଚିତ୍ରଣ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ବରିଷ୍ଠ ଶିକ୍ଷାବିତ୍ ଓ ସୁଲେଖକ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, କିଶୋର ଚନ୍ଦ୍ର ଦାସବାବୁ, ନରେନ୍ଦ୍ର ନାଥ ରାଉତ, ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ପ୍ରଫୁଲ୍ଲ କୁମାରଖିଲାର, ଡ଼ ଶ୍ୟାମସୁନ୍ଦର ପଣ୍ଡା, ସନାତନ ରାଉତ, ଶତ୍ରୁଘନ ସାମଲ, ପ୍ରତାପ ଚନ୍ଦ୍ର ପଣ୍ଡା, ହୃଷୀକେଶ ଜେନା, କବି ସନ୍ତୋଷ କୁମାର ସାହୁ, କରୁଣାକର ଦାସ ଓ ନମିତା ରାଉତ ଏହି ସ୍ମୃତି ଚାରଣ ସଭାରେ ଦିବ୍ୟଗଂତ ୰ ମହାନ୍ତଙ୍କ ଧର୍ମପତ୍ନୀ ଶ୍ରୀମତୀ ଲକ୍ଷ୍ମୀ ମହାନ୍ତ, ବିଦେଶରେ ରହୁଥିବା ଜ୍ୟେଷ୍ଠ ପୁତ୍ର ଇଂ ତୁଷାର କୁମାର ମହାନ୍ତ, ମଧ୍ୟମ ପୁତ୍ର ଇଂ ନିହାର କୁମାର ମହାନ୍ତି ଓ କନିଷ୍ଠ ପୁତ୍ର ଇଂ ସାଫଲ୍ୟ କୁମାର ମହାନ୍ତ ତଥା ପରିବାରର ଅନ୍ୟ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲାବେଳେ ୰ ମହାନ୍ତଙ୍କର ଝିଆରୀ ତଥା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କୁନ୍ତଳା ମହାନ୍ତ ଡ଼ା, ୰ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କର ବହୁ ଯଶଗାନ କରିବା ସହ ଉପସ୍ଥିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରି ମାମଲାରେ ଦୁଇ ଅଭିଯୁକ୍ତ ଗିରଫ

ଜୟପୁର, ୧୪/୦୯ (ନି.ପ୍ର): ଚୋରି ମାମଲାରେ ଦୁଇ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଅଭିନାଶ ଖୋସଲା (୨୨) ଓ ଦେବ ହରିଜନ (୧୯) । ପୋଲିସ ସୁଚନା ଅନୁଯାଇ ବାରିଣିପୁଟର ଜଗନ୍ନାଥ କୋଲନିରେ ରହୁଥିବ ବସନ୍ତ କୁମାର ସ୍ୱାଇଁ ଏକ ଗାଡିରେ ଗ୍ରୋସରି ଜିନିଷ ପେକେଟ କରି ରଖିଥିଲେ। ନିଜ ଘର ସମ୍ମୁଖରେ ଏକ ଗାଡିରେ ଲୋଡ କରି ରଖିଥିଲେ । ସେହି ସବୁ ଜିନିଷ ଚୋରି ହୋଇଯାଇଥିଲା। ଏନେଇ ବସନ୍ତ କୁମାର ସ୍ୱାଇଁ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ବାରିଣିପୁରରୁ ୨ ଦୁଇ ଅଭିଯୁକ୍ତ କୁ ଗିରଫ କରି ଚୋରି ସାମଗ୍ରୀକୁ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇ ଥିବା ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ମୟୂରଭଞ୍ଜ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳାର ପ୍ରତିବାଦ

## ୨୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ବାରିପଦା, ୧୪/୦୯ (ନି.ପ୍ର): ମୟୂରଭଞ୍ଜ ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ପ୍ରତିବାଦରେ ଆଜି ୨୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୟୂରଭଞ୍ଜ ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦାବୀ ପୂରଣ ନହେଲେ ଡିସେମ୍ବର ପ୍ରଥମ ସପ୍ତାହରେ ବାରିପଦାରେ ଏକ ବିଶାଳ ଶୋଭା ଯାତ୍ରା ଭଞ୍ଜସେନା ପକ୍ଷରୁ ଆୟୋଜନ କରାଯିବ ବୋଲି କୁହାଯାଇଛି। ଦାବୀ ଗୁଡିକ ମଧ୍ୟରେ ମା କୀଚକେଶ୍ୱରୀ ମନ୍ଦିର ପାଇଁ ଆଖିଦୃଶିଆ ଅନୁଦାନ, ଶିମିଳିପାଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା ସହିତ ସୁରକ୍ଷା, ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହିତ ଡାକ୍ତର ନିଯୁକ୍ତି, ଆଦିବାସୀଙ୍କ ପୂଜାସ୍ଥଳୀ ଜାହିରା ପୀଠ ଗୁଡିକର ସ୍ଥାୟୀ ପଟ୍ଟା ପ୍ରଦାନ, ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ, ନୂତନ ରେଳ ସଂଯୋଗୀକରଣ, ଶୁଳିଆପଦା ବ୍ଲକରେ କାଗଜକଳ ପ୍ରତିଷ୍ଠା, ଦୁଆରଶୁଣୀ ଘାଟିର ସମ୍ପ୍ରସାରଣ କାର୍ଯ୍ୟ, ଜିଲାରେ ଫୁଟବଲ ଏକାଡେମୀ ପ୍ରତିଷ୍ଠା କରିବା, ଖଣିଜ ଶିଳ୍ପ ପ୍ରତିଷ୍ଠା, ଆବାସ ଯୋଜନା ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାଲି ଯୋଗାଇବା ସହ ନିର୍ମାଣ ସମୟସୀମାକୁ ବ?ଦ୍ଧି କରିବା, ହୋମିଓ ପଥିକ ଏବଂ ଆୟୁର୍ବେଦିକ କଲେଜର ପୁନଃରୁଦ୍ଧାର କରିବା ଆଦି ଦାବୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯଦି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦାବୀ ପୂରଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ନଦିଅନ୍ତି ତେବେ ଆସନ୍ତା ଡିସେମ୍ବର ପ୍ରଥମ ସପ୍ତାହରେ ବାରିପଦାରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି କୁହାଯାଇଛି. ସଭାପତି ପିଣ୍ଟୁ ମାଇତି ଙ୍କ ସମେତ କାର୍ଯ୍ୟକାରୀ ଅଧକ୍ଷ ସଂଜୀବ ରାଉତ, ଓବିସି ଶାଖା ସଭାପତି ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଉପସଭାପତି ପ୍ରଶାନ୍ତ ମହାକୁଡ଼, ଯୁବ ସଭାପତି ସୋମ୍ୟରଞ୍ଜନ ମିଶ୍ର, ମୁଖପାତ୍ର ମାନସ ବେହେରା, ଯୁବ ଛାତ୍ର ସଂଯୋଜକ ଏସକେ ରାଜା ଖାନ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଂଜନ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସର ରେ ଆୟୋଜିତ ବୈଠକରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସଂଗଠନର ସମସ୍ତ କମିଟି ଭଙ୍ଗ କରିଛନ୍ତି ଏବଂ ବହୁତ ଶୀଘ୍ର ପର୍ଯ୍ୟାୟ କ୍ରମେ ନୂତନ ପୁରାତନ ସହିତ ଜିଲ୍ଲାର ବିକାଶ ପାଇଁ ସଂଗ୍ରାମ ମନୋଭାବ ଥିବା ଯୁବଛାତ୍ର ସଂଗଠକ ମାନଙ୍କୁ ହିଁ ପ୍ରାଧାନ୍ୟ ଦେଇ ନୂତନ କମିଟି ଗଠନ କରାଯିବ ବୋଲି କୁହାଯାଇଛି।

# କାଇପଦର ଡାକ୍ତରଖାନାକୁ କେବେ ସ୍ୱୀକୃତି ମିଳିବ ?

ଖୋର୍ଦ୍ଧା , ୧୪/୦୯ (ନି.ପ୍ର): କଇପଦର ଡାକ୍ତରଖାନା ପ.ଏଚ.ସ. ନୂଆ ) କମିଟି ଏକ ବୈଠକ ସ୍ଥାୟୀ ଡାକ୍ତର ଖାନା କୋଠାରେ , କରାଯାଇ ଥିଲା। ଉକ୍ତ ବୈଠକର କମିଟି ସ୍ଥାୟୀ ସଭାପତି ଓ ଡାକ୍ତରଖାନା କରିବା ପ୍ରଥମ ବେକ୍ତୀ ବରିଷ୍ଠ ନାଗରିକ କାଇପଦର ଶ୍ରୀଯୁକ୍ତ ବୁଲେ ସାମନ୍ତରାୟ ସଭାପତିତ୍ୱ କରିଥଲେ। ଉକ୍ତ ସଭାରେ ଦଳମତ ନିର୍ବିଶେଷରେ ଉକ୍ତ ପଞ୍ଚାୟତ ସମସ୍ତ ଲୋକ ,ବର୍ତ୍ତମାନ ସରପଂଚ ଶ୍ରୀଯୁକ୍ତ ବିଜୟାନନ୍ଦ ଅରିସଲ, ପୁର୍ବତନ ସରପଞ୍ଚ ଶ୍ରୀଯୁକ୍ତ ବାପି ଚଂପତି, ଓ ଅନ୍ୟତମ ପୁର୍ବତନ ସରପଞ୍ଚ ବର୍ତ୍ତମାନ ଖୋର୍ଦ୍ଧା ବ୍ଲକ୍ ବିଜେଡି ସଭାପତି ଶ୍ରୀଯୁକ୍ତ ରାଜକିଶୋର ପାତ୍ର , ଖୋର୍ଦ୍ଧା ବ୍ଲକ୍ ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ପ୍ରିୟଦର୍ଶନୀ, ଖୋର୍ଦ୍ଧା ଜିଲ୍ଲା କଂଗେସ ତୁଙ୍ଗ ନେତା କାଇପଦର ବିଶିଷ୍ଟ ସମାଜ ସେବୀ ଶ୍ରୀଯୁକ୍ତ ଯୋଗିନାଥ ବାହୁ ବଳେନ୍ଦ୍ର, ବିଜେପି ନେତା କାଇପଦର, ଶ୍ରୀଯୁକ୍ତ ବିକଳ ଗଜେନ୍ଦ୍ର , କାଇପଦର ବାଦପାଲା କମିଟି ର ସଭାପତି ଶ୍ରୀଯୁକ୍ତ ତପନ ପାତ୍ର, ସଂପାଦକ ଶ୍ରୀଯୁକ୍ତ ନରହରୀ ଜେନା, ଗ୍ରାମ କମିଟି ସଂପାଦକ ରଜନୀ ରାଉତରାୟ, ଶରତ ମାର୍ଥା, ବିପିନି ରଣସିଂହ, ଗ୍ରାମ ପ୍ରାୟ ବହୁ ବରିଷ୍ଟ ନାଗରିକ ଓ କନିଷ୍ଟ ଯୁବକ ଦଳ ଯୋଗଦେଇ ଥିଲେ। ଉକ୍ତ ଗ୍ରାମର ମୁସଲମାନ ଖାଁ ସମ୍ପ୍ରଦାୟ ସଭାପତି ବାବୁଲା ଖାଁ ଓ ବାବା ସତ୍ୟପୀର ପୂଜାରୀ ସଂଘ ସଭାପତି ସେକ୍ ,ସନାଓ୍ୱାଲାଉ ମିଆଁ, ସେକ, ଉମର ଆଦି ବହୁ ମୁଷିଲିମ୍ ନେତୃତ୍ୱ ଯୋଗ ଦେଇ ଥିଲେ। ଉକ୍ତ ସଭାରେ ସଭାପତି ଦୁଃଖ ପ୍ରକାଶ କରି ଥିଲେ ଯେ ଉକ୍ତ ଅନୁଷ୍ଠାନର ଜାଗା ଓ ସବୁ ପ୍ରକାର କାଗଜ ପତ୍ର ପୁରା ଠିକ କରି (ଫିଜିବିଲିଟୀ ରିପୋର୍ଟ) ସବୁ ଠିକ ଥାଇ ,ଆଜକୁ ୧୦ବର୍ଷ ହେଲା ଖୋର୍ଦ୍ଧା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସେତେବେଳର ଦକ୍ଷ ଜିଲ୍ଲା ପାଳ ଶ୍ରୀଯୁକ୍ତ ନିରଞ୍ଜନ ସାହୁ ସୁପାରିଶ ରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଙ୍କୁ ଦିଆ ଯାଇଥିଲା। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ହାଇଲେବୁଲ କମିଟି କାଇପଦର ଡାକ୍ତର ଖାନା ପାଇଁ ଉପଯୁକ୍ତ ଓ ସବୁ କାଗଜ ପତ୍ର ଓ ଜାଗା କୋଠା ଠିକ୍ ଅଛି ଲେଖି ସ୍ୱାସ୍ଥ୍ୟ ସଚିବ ଓଡିଶା ସରକାର ଙ୍କୁ ସୁପାରିସ କରିଥଲେ। ସ୍ୱାସ୍ଥ୍ୟ ସଚିବ ହାଇ ଲେବୁଲୁ କମିଟି କାଇପଦର ହେଉ ବୋଲି ପାସ କରିଥଲେ। ଏହି ବାବଦରେ ସ୍ୱାସ୍ଥ୍ୟ ସଚିବ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଜଣାଇ ଥିଲେ। କାଇପଦର ରୁରାଲ ରେ ସିରିଏଲ୍ ନମ୍ବର ୪ର ଓଡିଶା ରେ ରହିଲା। ଓ ଖୋର୍ଦ୍ଧା ଜିଲ୍ଲାରେ ଏକ ନମ୍ବର ସ୍ଥାନ ଥିଲା। ମାତ୍ର କଣ ହେଲା କେଜାଣି ୧୩ ଟି ଡାକ୍ତର ଖାନାଗୁଡ଼ିକ ସ୍ୱାସ୍ଥ୍ୟ ବିଭାଗ ସଚିବ ସ୍ୱାସ୍ଥ୍ୟ ମନ୍ତ୍ରୀ ଅତନୁ ସବ୍ୟାଚୀଙ୍କ ଜରୀଆରେ ମାନ୍ୟବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସ୍ୱୀକୃତି ପାଇଁ ଯାଇ ଥିଲା ମାତ୍ର ଆଉ କିଛି ଟା ମିଶିବା ପାଇଁ ରହିଲା। ଏହା ଭିତରେ ଓଡିଶା ରେ ୩୯ଟି ପାଇଁ ସ୍ୱାସ୍ଥ୍ୟ ସଚିବଙ୍କ ପାଖେ ଠିକ ହୋଇ ଥିଲା। ମାତ୍ର ୨୦୧୨ ର ଆଇନ ପରିବର୍ତ୍ତନ ହୋଇ ୨୦୨୨ ଆଇନ ଅନୁସାରେ ହେବାକୁ ବର୍ତମାନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଡାକ୍ତର ବିଜୟ ମହାପାତ୍ରଙ୍କ ପାଖକୁ ଆସିଛି। ଗତ ମାସରେ ଆମ ଓଡ଼ିଶା ମୁଖ୍ୟ ମନ୍ତ୍ରୀଙ୍କ ସଚୀବ ବରିଷ୍ଟ ଆଇ.ଏ. ଏସ. ଭିକେ ପଣ୍ଡିଆନା ୫ ଟି ସଚିବ ଅଭିଯୋଗ ଶୁଣିବା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଦପ୍ତର କୁ ଆସି ଖୋର୍ଦ୍ଧା ହାବେଳୀ ପଡ଼ିଆ ଅଭିଯୋ ଗ୍ରହଣ କରୁଥିଲେ। ଉକ୍ତ ସମୟେ କାଇପଦର ବିଶିଷ୍ଟ ବ୍ୱେକ୍ତୀ ଓ ଡ଼ାକ୍ତରଖାନା କମିଟି ସ୍ଥାୟୀ ସଂପାଦକ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଖୋର୍ଦ୍ଧା ଜିଲ୍ଲା ବରିଷ୍ଟ ସାମ୍ବାଦିକ କିପରି ଅଭିଯୋଗ ପତ୍ର ଦିଆ ଯିବ ପ୍ରସ୍ତୁତ କରି ପୂର୍ବ ସମସ୍ତ କାଗପତ୍ର ଡାକ୍ତର ଖାନା( ସମ୍ବନ୍ଦିୟ) ଗୁନ୍ଧି ଖୋର୍ଦ୍ଧା ଜିଲ୍ଲା ବିଜେଡ଼ି ସଭାପତି ରାଜ କିଶୋର ପାତ୍ର ଓ ସେ ମିଶି ତାଙ୍କୁ ହାତେ ଦେଇଥଲେ। ମାତ୍ର ଦୁଃଖର ବିଷୟ ଏ ପର୍ଯ୍ୟନ୍ତ କିଛି ଆଭାସ ମିଳୀ ନାହିଁ। କାଇପଦର ବାବା ସତୀ ପୀର ପୀଠ, ସର୍ବଧର୍ମ ମନ୍ଦୀର ଉନ୍ନତୀ ଓ କାଇପଦର ଠାରୁ ବାହାରି ଥିବା ଜୋର୍ ପୂର୍ଣ୍ଣ ଉଦ୍ଧାର ପାଇଁ ଦିଆ ଯାଇଥିଲା।

## ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

ଜୟପୁର , ୧୪/୦୯ (ନି.ପ୍ର): ତୃଣମୂଳ ସ୍ତରରେ ଜୁନିୟର ରେଡ୍ କ୍ରସ୍ ର କ୍ରିୟାନ୍ୱୟନ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦପୁର ଠାରେ ଏକ ଦିବସୀୟ ବ୍ଲକ ସ୍ତରୀୟ ଜୁନିୟର ରେଡ୍ କ୍ରସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଦୁବରାଜ ମୁର୍ମୁ ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ମମତାଜ ଗମାଙ୍ଗ ଯୋଗଦାନ କରି ନନ୍ଦପୁର ଓ ଲମତାପୁଟ ବ୍ଲକ୍ ର ପରାମର୍ଶ ଦାତା ଓ ପରାମର୍ଶଦାତ୍ରୀ ମାନଙ୍କୁ ରେଡକ୍ରସ୍ ପ୍ରତିଷ୍ଠାତାଙ୍କ ଜୀବନୀ, ରେଡକ୍ରସ୍ ର ଉତ୍ପତ୍ତି ,ଜୁନିୟର ରେଡକ୍ରସ ର ଉତ୍ପତ୍ତି , ସମ୍ପ୍ରତିକ ସ୍ଥିତିରେ ସ୍ୱେଚ୍ଛାସେବୀମାନଙ୍କ ସମାଜ ପାଇଁ ଆବଶ୍ୟକତା ଏବଂ ବିଦ୍ୟାଳୟ ସ୍ତରରେ ଏହାର ସକ୍ରିୟ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲା ସାଧନ କର୍ମୀ ସାହେଦା ପର୍ଭିନ୍ ବିଦ୍ୟାଳୟ ସ୍ତରରେ ଜୁନିୟର ରେଡକ୍ରସ୍ ର କ୍ରିୟାନ୍ୱୟନ ଉପରେ ଆଲୋକପାତ କରିଥିଲାବେଳେ ସାଧନକର୍ମୀ ସୁଜିତ୍ କୁମାର ନାୟକ ବିପର୍ଯ୍ୟୟ ପରିଚାଳନା ଉପରେ ଅବଗତ କରାଇଥିଲେ । ପ୍ରାଥମିକ ଉପଚାର ସାଧନକର୍ମୀ ହରେକୃଷ୍ଣ ମହାରଣା କାର୍ଯ୍ୟକ୍ରମରେ ଯୋଗଦାନ କରି ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଜୀବନ ରକ୍ଷା କୌଶଳ ଉପରେ ଶିକ୍ଷା ଦାନ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ ସଂଯୋଜନା କରିଥିଲାବେଳେ ନନ୍ଦପୁର ବ୍ଲକ ଜୁନିୟର ରେଡ଼କ୍ରସ ସଂଯୋଜକ ପ୍ରସନ୍ନ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଲମତାପୁଟ ବ୍ଲକ ସଂଯୋଜକ ରବିନାରାୟଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଆରତୀ ଜେନା, ସ୍ନିଗ୍ଧାରାଣୀ ରାଉତ, ଶିବାନୀ ରାଣୀ ଖରା ,ସୀମା କାଡାମ ଓ ବିଦ୍ୟାଳୟର କର୍ମଚାରୀ ଜଗଦୀଶ ଚନ୍ଦ୍ର ଖରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ନୀତିକୁ ଫୁଃ ମନମର୍ଜିରେ....

'ସକାଳ' ଖବରକାଗଜକୁ ସୂଚନା ଓ ଲୋକସଂପର୍କ ବିଭାଗ ୬୦ ଥର ପ୍ରଥମ ପୃଷ୍ଠା ରଂଗୀନ ବିଜ୍ଞାପନ ଦେଇଥିବାବେଳେ ୮୨ଥର ଅଧାପୃଷ୍ଠା ରଂଗୀନ ବିଜ୍ଞାପନ ଦେଇଛି। ମାର୍ଚ୍ଚ ୧, ୨୦୨୦ରୁ ୧୫ ମେ ୨୦୨୩ ଭିତରେ ଏହି ବିଜ୍ଞାପନ ମିଳିଛି। ମୋଟ ଉପରେ ଫସକାଳ'କୁ ପ୍ରାୟ ୬ କୋଟି ୫୭ ଲକ୍ଷ ଟଙ୍କାର ବିଜ୍ଞାପନ ମିଳିଛି। ସେହି ତିନି ବର୍ଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସମାଜକୁ ୨୫.୦୪ କୋଟି, ସମ୍ବାଦକୁ ୨୭.୫୬ କୋଟି ଓ ପ୍ରମେୟକୁ ୩୫ କୋଟି ଟଙ୍କାର ବିଜ୍ଞାପନ ମିଳିଛି। ପ୍ରଗତିବାଦୀକୁ ୧୩.୩୧ କୋଟି ଓ ନିତିଦିନକୁ ୩.୦୨ କୋଟି ଟଙ୍କାର ବିଜ୍ଞାପନ ମିଳିଛି। ଅନ୍ୟପଟରେ ଚଳିତ ବର୍ଷ ମାର୍ଚ୍ଚ ୧୪ ତାରିଖର ବିଧାନସଭା ଉତ୍ତରକୁ ଦେଖିଲେ- ଗତ ୫ ବର୍ଷରେ ପ୍ରିଣ୍ଟ ମିଡିଆକୁ ୧୧୭.୦୯ କୋଟି ଟଙ୍କାର ବିଜ୍ଞାପନ ଦିଆଯାଇଥିବାବେଳେ ଇଲୋକଟ୍ରୋନିକ ମିଡିଆଗୁଡ଼ିକୁ ୨୩ କୋଟି ୫୧ ଲକ୍ଷ ଟଙ୍କାର ବିଜ୍ଞାପନ ଦିଆଯାଇଛି। ୫ ବର୍ଷ ଭିତରେ ରାଜ୍ୟରେ ସର୍ବାଧିକ ଲୋକ ଦେଖୁଥିବା ଓଟିଭିକୁ ମାତ୍ର ୭.୭୭ ଲକ୍ଷ ଟଙ୍କାର ବିଜ୍ଞାପନ ମିଳିଥିବାବେଳେ କନକ ନ୍ୟୁଜକୁ ୨.୨୮ କୋଟି, ପ୍ରମେୟ ନ୍ୟୁଜ ସେଭେନକୁ ୨.୩୪ କୋଟି, କଳିଙ୍ଗ ଟିଭିକୁ ୨.୪୩ କୋଟି, ନନ୍ଦିଘୋଷ ଟିଭିକୁ ତିନି ବର୍ଷରେ ୬୦ ଲକ୍ଷ ଓ ଅର୍ଗସକୁ ମାତ୍ର ୧୦ ହଜାର ଟଙ୍କାର ବିଜ୍ଞାପନ ମିଳିଛି। ଲୋକଙ୍କ ଟିକସରୁ ସରକାର ବିଜ୍ଞାପନ ବାଣ୍ଟୁଥିବାବେଳେ ବିଜ୍ଞାପନରେ ପାତରଅନ୍ତର ନୀତି ସ୍ପଷ୍ଟ ଧରାପଡ଼ିଯାଉଛି। ବିଜ୍ଞାପନ ନୀତି-୧୯୯୮ର ଧାରା ୫-୨(ଘ) ଅନୁଯାୟୀ, ବିଜ୍ଞାପନ ବଣ୍ଟନ ବେଳେ କୌଣସି ମିଡିଆ ହାଉସର ରାଜନୈତିକ ସଂପୃକ୍ତିକୁ ବିଚାରକୁ ନିଆଯିବ ନାହିଁ ବୋଲି କୁହାଯାଇଥିବାବେଳେ ଯେଉଁ ମିଡିଆ ହାଉସ୍ ସରକାରଙ୍କ ଦୋଷ ଦୁର୍ବଳତା ଦେଖାଉଛି ତାହାକୁ କମ ବିଜ୍ଞାପନ ମିଳିବା ଓ ବେଳେ ବେଳେ ସମ୍ପୂର୍ଣ୍ଣ ବିଜ୍ଞାପନ ବନ୍ଦ କରିଦେବା କେବଳ କ୍ଷମତାର ଅପବ୍ୟବହାର ବୋଲି ଚର୍ଚ୍ଚା ହେଉଛି।

## ଦୁର୍ନୀତିଗ୍ରସ୍ତଙ୍କ ସୁରକ୍ଷାଦାତା....

ବିଜେପି ମୁଖପାତ୍ର ମନୋଜ ମହାପାତ୍ର ଆଜି ଦଳର ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ଭିଜିଲାନ୍ସ ପ୍ରାୟତଃ ପ୍ରତିଦିନ ବିଭିନ୍ନ ସରକାରୀ ଅଫିସର ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି । ନବୀନ ଦୁର୍ନୀତିକୁ ପ୍ରଶୟ ଦିଅନ୍ତି ନାହିଁ, ତେଣୁ ଭିଜିଲାନ୍ସ ନିୟମିତ ଭାବେ ଚଢ଼ଉ କରୁଛି ବୋଲି ସାଧାରଣରେ ଭ୍ରମ ସୃଷ୍ଟି କରାଯାଉଛି । କିନ୍ତୁ ବାସ୍ତବ କଥା ହେଲା ଭିଜିଲାନ୍ସ ତଦନ୍ତ କରି ଚାର୍ଜସିଟ ଫାଇଲ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ଲୋଡ଼ିଲେ ନବୀନଙ୍କ ଅସଲ ରୂପ ପଦାକୁ ଆସୁଛି। ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବିଭାଗୀୟ ଅନୁମତି ସତ୍ୱେ ବର୍ଷ ବର୍ଷ ଧରି ଫାଇଲ ପଡ଼ିରହୁଛି । ସେଥିପାଇଁ ଦୁର୍ନୀତିଗ୍ରସ୍ତ ବାବୁମାନେ ଆରାମରେ ବୁଲୁଛନ୍ତି । ଏହା ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ପ୍ରତି ସହନଶୀଳତା ନା ଦୁର୍ନୀତି ପ୍ରତି ସୁରକ୍ଷା କବଚ ତାହା ରାଜ୍ୟବାସୀ ବିଚାର କରିବେ ବୋଲି ସେ କହିବା ସହ ଓଡ଼ିଶାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ସୁରକ୍ଷାଦାତା ସ୍ୱୟଂ ମୁଖ୍ୟମନ୍ତ୍ରୀ ବୋଲି ଅଭିଯୋଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ନିକଟରେ ଏକ ଐତିହାସିକ ରାୟ ଦେଇଛନ୍ତି । ତେଣୁ କୋର୍ଟଙ୍କ ଆଦେଶ ଅନୁଯାୟୀ ୨୦୦୩ ମସିହାରୁ ଅଦ୍ୟାବଧି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୌଣସି ସରକାରୀ ବିଭାଗ ବା ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ଆବଶ୍ୟକତା ନାହିଁ । ତେଣୁ ଓଡ଼ିଶାର ଯେଉଁ ଦୁର୍ନୀତିଗ୍ରସ୍ତ ୨୨ଜଣ ଆଇଏଏସ୍‌ଙ୍କ ସମେତ ମୋଟ ୨୨୭ ଅଫିସର(ଓଏଏସ)ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀକୁ ଅପେକ୍ଷା କରାଯାଇଥିଲା ସେମାନଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭିଜିଲାନ୍ସକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଜେପି କହିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ଆଉ ସରକାରଙ୍କ ମଞ୍ଜୁରୀର ଆବଶ୍ୟକତା ନାହିଁ।୨୨ଜଣ ଦୁର୍ନୀତିଗ୍ରସ୍ତ ଆଇଏଏସଙ୍କ ମଧ୍ୟରୁ କେବଳ ବିନୋଦ କୁମାରଙ୍କୁ ଛାଡ଼ିଦେଲେ କାହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇନି । ବିଜେପି ଆହୁରି ମଧ୍ୟ ଅଭିଯୋଗ କରିଛି ଯେ, ରାଜ୍ୟରେ ଜନତନ୍ତ୍ର ନୁହେଁ ବାବୁତନ୍ତ୍ର ଚାଲିଛି । ରାଜ୍ୟରେ ଏବେ ପ୍ରଶାସନିକ ଅଧିକାରୀ ସର୍ବେସବା । ବିଛାଖଣ୍ଡି ଓ ଡଙ୍କାରୀ ପାହାଡ଼ ଲୁଟ୍ ଘଟଣାରେ ସମ୍ପୃକ୍ତ ତତ୍‌କାଳୀନ ଜିଲ୍ଲାପାଳ ଏବେ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ । ଯିଏ ଅଭିଯୋଗ କରିଥିଲେ ତାଙ୍କୁ ଜେଲରେ ପୁରାଇଥିବା ତହସିଲଦାର ଏବେ ବେଶ୍ ଭଲ ପଦବୀରେ । ବୋଧହୁଏ ଦୁର୍ନୀତି କର ସୁରକ୍ଷା ପାଇବ ଓ ଦୁଧିଆଳୀ ପଦବୀରେ ଅବସ୍ଥାପିତ ହେବ ବୋଲି ପ୍ରଶାସନିକ ଅଫିସରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଲିଖିତ ନିର୍ଦ୍ଦେଶ ଅଛି ବୋଲି ବିଜେପି କଟାକ୍ଷ କରିଛି । ମୁଖ୍ୟମନ୍ତ୍ରୀ ଆଲିବାବା ଚାଲିଶ୍ ଚୋର ନୀତିରେ ଚାଲିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଓ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ....

ପରେ ପୁଲିସ୍ ଛାତ୍ର କଂଗ୍ରେସ ନେତାଙ୍କୁ ସେଠାରୁ ଉଠାଇ ନେଇଥିଲା। କଂଗ୍ରେସର ଛାତ୍ର ଶାଖା ଏନ୍‌ଏସ୍‌ୟୁଆଇର ରାଜ୍ୟ ସଭାପତି ୟାସିର ନବାଜ କହିଛନ୍ତି, ସରକାର ତାଙ୍କ ନିଷ୍ପତ୍ତିର ପୁନର୍ବିଚାର କରି ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରନ୍ତୁ। ନଚେତ୍ ଛାତ୍ର କଂଗ୍ରେସ ଚୁପ୍ ବସିବ ନାହିଁ। ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନ କରିବ। ଯେଉଁଠାକୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଯିବେ, ସେଠାରେ ବିରୋଧ କରାଯିବ। ସେ ଆହୁରି କହିଛନ୍ତି, ନବୀନ ବାବୁ ଭୟଭୀତ ହୋଇଯାଇଛନ୍ତି। ତାଙ୍କ ଗୁଇନ୍ଦା ରିପୋର୍ଟ କହୁଛି, ଯଦି ଛାତ୍ର ସଂସଦ ନିର୍ବାଚନ ହେବ, ତା'ହେଲେ ରାଜ୍ୟରେ ବିଜେଡି ସଫା ହୋଇଯିବ। ବିଜେଡିର ପତନ ଆରମ୍ଭ ହେବ। ୨୩ ବର୍ଷ ଶାସନକାଳରେ ସେ ଛାତ୍ରଛାତ୍ରୀମାନଙ୍କ ପାଇଁ କିଛି କରି ନାହାନ୍ତି।

## ବାଇକ୍ ଡିକି ଭାଙ୍ଗି ଲୁଟି ....

୫ ଶହ ଟଙ୍କା ଓ ଗୋଟିଏ ପଲସର ମୋଟର ସାଇକେଲ ଜବତ କରିଛି । ଅଭିଯୁକ୍ତମାନେ ହେଲେ ଜେ. ଚାନ୍ଦୁ, ଏନ. ରବିନ୍ ଓ ମୋହନ ପ୍ରଧାନ । ଏହି ତିନି ଜଣ ବାଲେଶ୍ୱରରେ ଘର ଭଡା ନେଇ ରହୁଥିଲେ । ଏମାନଙ୍କ କାର୍ଯ୍ୟକଳାପ ବିଷୟରେ ଘର ମାଲିକ ସବୁ ଜାଣିଥିଲେ । ସେଥିପାଇଁ ପୋଲିସ ଘର ମାଲିକ ଅକ୍ଷୟ ପଣ୍ଡାକୁ ବି ଗିରଫ କରିଛି ।

## ବହୁଚର୍ଚ୍ଚିତ ନବ ଦାସ ....

ସମୟରେ ଉଭୟ ପକ୍ଷର ସମସ୍ତ ଦଲିଲ ଓ ତଥ୍ୟ ଉପରେ କୋର୍ଟରେ ଆଲୋଚନା ହୋଇଥିଲା । ଗୋପାଳ ଖାଉଥିବା ମାନସିକ ରୋଗର ଔଷଧ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ଆଇନଜୀବୀ ନରେଶ ନାୟକ କହିଛନ୍ତି । ତେବେ ଆଗାମୀ ଶୁଣାଣି ପାଇଁ ଆସନ୍ତା ୫ ତାରିଖ କୋର୍ଟ ଦିନ ଧାର୍ଯ୍ୟ କରିବା ପରେ ଗୋପାଳକୁ ପୁଣି ଥରେ ଚୌଦ୍ୱାରା ଜେଲ୍‌କୁ ନିଆଯାଇଛି।

# ମହିଳା ଆୟୋଗ ଆଇନ ସଚେତନତା କାର୍ଯ୍ୟକ୍ରମ

ପୁରୀ, ୧୪/୦୯ (ନି.ପ୍ର): ପ୍ରତିଟି ପରିବାର ସଦସ୍ୟ ମାନଙ୍କ ମଧ୍ୟରେ ସ୍ନେହ, ଶାନ୍ତି ଓ ବୁଝାମଣା ରହିବା ସହ ପରିବାରରେ ମହିଳାଟିଏ ଯେପରି ସମ୍ମାନ ପାଇପାରିବ ସେଥିପାଇଁ ମହିଳା କମିଶନ ସର୍ବଦା ଚେଷ୍ଟିତ ବୋଲି କହିଛନ୍ତି ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷ ଡଃ. ମିନତୀ ବେହେରା। ଆଜି ପୂର୍ବାହ୍ନରେ ସଂସ୍କୃତି ଭବନ ଠାରେ ରାଜ୍ୟ ମହିଳା ଆୟୋଗଙ୍କ ଆୟୋଜନରେ ଓ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଆୟୋଗ ଡଃ. ବେହେରା ଉଭୟ ମହିଳା ଓ ପୁରୁଷ ସମାଜ ମୁଦ୍ରାର ଦୁଇଟି ପାର୍ଶ୍ୱ। ପ୍ରାଚୀନ ଭାରତରେ ନାରୀ ଏକ ମହନୀୟ ସ୍ଥାନର ଅଧିକାରୀ ଥିଲା। ସମ୍ବିଧାନରେ ଉଭୟ ମହିଳା ଓ ପୁରୁଷଙ୍କୁ ସମାନ ଅଧିକାର ଦେଇଥିଲେ ମଧ୍ୟ ନାରୀ କେତେ ସ୍ଥାନରେ ଅବହେଳାର ଶୀକାର ହେଉଛି ।ପ୍ରତି ଜିଲ୍ଲାରେ ମହିଳା ମାନଙ୍କ ପାଇଁ ସୁରକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହା ସହ ମହିଳା କମିଶନ ରାଜ୍ୟ, ଜିଲ୍ଲା, ବ୍ଲକ ସ୍ତରରେ ସଚେତନତା ଶିବିର ମାଧ୍ୟମରେ ମହିଳା ମାନଙ୍କ ପାଇଁ ଆଇନରେ ଥିବା ଅଧିକାର, ଦାୟିତ୍ୱ, କର୍ତବ୍ୟ ଓ ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଉଛି ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପାରିବାରିକ ସଂହତି ଓ ସଦଭାବନା ବଜାୟ ରଖି ମହିଳା ମାନଙ୍କୁ ପରିବାର ଓ ସମାଜରେ ଉପଯୁକ୍ତ ସମ୍ମାନ ପ୍ରଦାନରେ ଆୟୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ଜିଲ୍ଲା ସ୍ତରରେ ମଧ୍ୟ ଅନୁରୂପ ସହଯୋଗ ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଅତିରିକ୍ତ ଏସପି ବିଷ୍ଣୁ ଚରଣ ପତି ଜିଲ୍ଲାର ଥାନା ମାନଙ୍କରେ ମହିଳା ଓ ଶିଶୁ ଡେସ୍କ ମାଧ୍ୟମରେ ସହଯୋଗ ଯୋଗାଇ ଦିଆଯାଉଛି ବୋଲି କହିବା ସହ ଏହିଭଳି ଶିବିର ଜିଲ୍ଲା ସ୍ତରରେ ଆୟୋଜନ ଦ୍ୱାରା ଅଧିକ ସଚେତନତାରେ ସହାୟକ ହେଉଛି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆୟୋଗର ସଦସ୍ୟ ସଚିବ ବିଥିକା ସ୍ୱାଇଁ, ସଦସ୍ୟ ସ୍ୱାଗତିକା ମହାନ୍ତି, ବିଜୟା ବରୁହା, ପରାମର୍ଶ ଦାତା ଡ଼ଃ. ଏନ୍. ଟୁନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଶର୍ମିଷ୍ଠା ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସମାଜ କଲ୍ୟାଣ ବିଭାଗର ଅନ୍ୟାନ୍ୟ କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବିଭାଗ ଓ ସ୍ୱେଚ୍ଛାସେବୀ ସଂଗଠନର ମହିଳା ଅଧିକାରୀ କର୍ମଚାରୀ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୧୪/୦୯ (ନି.ପ୍ର): ସହଦେବଖୁଣ୍ଟାସ୍ଥିତ ବ୍ୟାସକବି ନଗର ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ବିନୋଦ ବିହାରୀ ଦାସଙ୍କ ଉଦ୍ଦେଶ୍ୟରେ ବିକାଶ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗତ ସେପ୍ଟେମ୍ବର ୫ ତାରିଖ ପବିତ୍ର ଗୁରୁଦିବସ ଦିନ ରାତିରେ ୮୪ ବର୍ଷ ବୟସରେ ତାଙ୍କର ହୃଦଘାତଜନିତ କାରଣରୁ ମୃତ୍ୟୁ ହୋଇଥିଲା। ବସ୍ତା ବ୍ଲକ୍‌ର ତାଡ଼ଦା ହାଇସ୍କୁଲ୍‌ରେ ଦୀର୍ଘ ୨୭ବର୍ଷ ଶିକ୍ଷକତା କରି ସ୍ୱର୍ଗତ ଦାସ ନଗ୍ରମର ମା' ମଙ୍ଗଳା ବାଳିକା ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ସ୍ମୃତିଚାରଣ ସଭାରେ ତାଙ୍କର ଛାତ୍ର ତଥା ଆଇନଜୀବୀ ପର୍ଶୁରାମ ପ୍ରଧାନ ସ୍ୱର୍ଗତ ଦାସ ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ଛାତ୍ରଛାତ୍ରୀ ମହଲରେ ବହୁ ସମ୍ମାନର ଅଧିକାରୀ ଥିଲେ ବୋଲି କହିଥିଲେ। ତାଙ୍କର ଦେହାନ୍ତ ଦିନ ସକାଳେ ବହୁ ପୁରାତନ ଛାତ୍ର ପ୍ରତିବର୍ଷଭଳି ସ୍ୱର୍ଗତ ଦାସଙ୍କୁ ପ୍ରଣାମ କରି ଆଶୀର୍ବାଦ ଗ୍ରହଣ କରିଥିଲେ ବୋଲି ସେ ପ୍ରକାଶ କରି ଭାବବିହ୍ୱଳ ହୋଇ କାନ୍ଦିପକାଇଥିଲେ। ଏହି ସଭାରେ ପରିଷଦର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ପରିଷଦ ପକ୍ଷରୁ ସର୍ବଶ୍ରୀ ଅକ୍ଷୟ କୁମାର ତ୍ରିପାଠୀ, ଅଖିଳ କୁମାର ଦାସ, ମନୋଜ ନାୟକ, ସରସ୍ୱତୀ ପଣ୍ଡା, ଇଂ. ଡମ୍ବରୁଧର ପ୍ରଧାନ ଓ ଜିତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ସ୍ୱର୍ଗତ ଦାସ ଜଣେ ଉତ୍ତମ ପଡ଼ୋଶୀ ଓ ଜଣେ ଆଦର୍ଶ ଶିକ୍ଷକଭାବେ ସମସ୍ତଙ୍କର ସମ୍ମାନନୀୟ ଥିଲେ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରକାଶ କରିଥିଲେ ଓ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। ସ୍ୱର୍ଗତ ଦାସଙ୍କ ପରିବାର ପକ୍ଷରୁ ତାଙ୍କ ଝିଅ ବନଶ୍ରୀ ମହାନ୍ତି ଓ ପୁତୁରା ସୁମନ୍ତ ଗିରିଙ୍କ ସମେତ ସ୍ଥାନୀୟ ବାସିନ୍ଦାମାନେ ଏହି ସଭାରେ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଆରମ୍ଭରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ନିହାରିକା ପଟ୍ଟନାୟକ ପରିଷଦ ପକ୍ଷରୁ ଉପସ୍ଥିତମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ଦିଲ୍ଲୀ ଅମୃତବଟିକା ନିମନ୍ତେ କବି ଦୀନକୃଷ୍ଣ ସ୍ମୃତିପୀଠରେ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର, ୧୪/୦୯ (ନି.ପ୍ର): ଜଳେଶ୍ୱର ମାଟିର ଗର୍ବ ଗୌରବ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ଜନ୍ମସ୍ଥାନ, ମୁଣ୍ଡତୁଣ୍ଡିଆଠାରେ ଭାରତୀୟ ଜନତା ପାର୍ଟି ତରଫରୁ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଖୁଦିଆ ମାଝିସାହି ପଞ୍ଚାୟତର ବିଜେପି ସଭାପତି ସୁଶାନ୍ତ ଘୋଷ ଏବଂ ଜୋନ ଯୁବମୋର୍ଚ୍ଚାର ସଭାପତି ବିପ୍ଳବ ପ୍ରଧାନଙ୍କ ନେତୃତ୍ୱରେ ଶହ ଶହ ଆବାଳ ବୃଦ୍ଧ ବନିତା ଦ୍ୱାରା ଅନୁଷ୍ଠିତ ହଇଯାଇଛି । ଏଥିରେ ସୁବର୍ଣ୍ଣରେଖା ମଣ୍ଡଳର ପ୍ରଭାରୀ ଇଂ ପରମାନନ୍ଦ ମହାପାତ୍ର, ମଣ୍ଡଳ ସଭାପତି ବିଶ୍ୱରୂପ ଦାସ, ଯୁବ ସମାଜସେବୀ ସଂଗ୍ରାମ ଜେନା, ବରିଷ୍ଠ ଆଇନଜିବି ନୃସିଂହ ଦାସମହାପାତ୍ର, ସଞ୍ଜୟ ଘୋଷ, ତପନ ସାହୁ, ସନ୍ତୋଷ ସାହୁ, ରାମହରି ବେହେରା, ପାର୍ବତୀ ସାହୁ, ଅନିତା ସାହୁ, ଅପର୍ଣ୍ଣା ଘୋଷ,ଆରତୀ ଘୋଷ,ଗୀତାଞ୍ଜଳି ଘୋଷ,ମାଳତୀ ହଟୋଇ,ଅଶ୍ୱିନୀ ଘୋଷ,ରୁଦ୍ରକାନ୍ତ ଘୋଷ,ଦୀପକ ସାହୁ, କୌଶିକ ସିଟ,ଗଣେଷ ସିଂ,ଦିବାକର ଜୁନିକ, ଅଜିତ ସିଂ, ପ୍ରଭାତ ପାଳ ପ୍ରମୁଖ ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ । ଚଳିତ ମାସଶେଷରେ ଦିଲ୍ଲୀର କର୍ତ୍ତ୍ୟପଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭାରତ ମାଟିର ବୀରଙ୍କ ଉଦେଶ୍ୟରେ ନିର୍ମାଣ ହେବାକୁ ଥିବା ଅମୃତ ବଟିକା ନିମନ୍ତେ ଦୀନକୃଷ୍ଣ ପିଠରୁ ମାଟିକୁ ଦିଲ୍ଲୀ ପଠାଯିବ।

# ରାଜ୍ୟରେ ବନ୍ୟା ସ୍ଥିତି ନାହିଁ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): ରାଜ୍ୟରେ ବନ୍ୟା ପରିସ୍ଥିତି ନାହିଁ। କେବଳ ବର୍ଷା ଯୋଗୁଁ ନଦୀରେ ପାଣି ଆସିବ ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ମହାନଦୀ ଉପରମୁଣ୍ଡରେ ବର୍ଷା ହୋଇଛି ମାତ୍ର ଅଧିକ ହୋଇନି। ହାରାହାରି ୩୭ମିମିବର୍ଷା ହୋଇଛି। ତଳମୁଣ୍ଡରେ ବର୍ଷା ନାହିଁ। ହୀରାକୁଦ ଭିତରକୁ ୧.୩୦ ଲକ୍ଷ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୨ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବର୍ତ୍ତମାନ ହୀରାକୁଦର ୧୦ଟି ଗେଟ ଖୋଲା ଅଛି। ଆବଶ୍ୟକ ପଡିଲେ ଆଉ ପାଂଚଟି ଗେଟ ଖୋଲାଯିବ। ସକାଳ ୯ଟା ସୁଦ୍ଧା ଖଇରମାଲ ଠାରେ ୧.୨୭ ଲକ୍ଷ କ୍ୟୁସେକ୍, ମୁଣ୍ଡଳୀ ୯୨ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଆଜି ରାତି ସୁଦ୍ଧା ଖଇରମାଳରେ ୫ ଲକ୍ଷ କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେବ। ୨୪ ଘଂଟା ପରେ ମୁଣ୍ଡଳୀରେ ସମାନ ମାତ୍ରାରେ ଜଳ ପ୍ରବାହିତ ହେବ। ବଂଶଧରା, ଇନ୍ଦ୍ରାବତୀରେ ଭଲ ବର୍ଷା ହୋଇଛି ଯାହା ଜଳଭଣ୍ଡାର ଅଭାବକୁ ପୂରଣ କରିଛି ବୋଲି ସେ କହିଛନ୍ତି।

# ମହିଳାମାନଙ୍କୁ ସ୍ୱାବଲମ୍ବୀ ନିମନ୍ତେ ସୁବର୍ଣ୍ଣରେଖା ପୋର୍ଟ ତରଫରୁ ସବାଇ ଘାସ ପ୍ରଶିକ୍ଷଣ ତାଲିମକେନ୍ଦ୍ର ଉଦ୍‌ଘାଟିତ



ଲଙ୍ଗଳେଶ୍ୱର, ୧୪/୦୯ (ନି.ପ୍ର): ଆଜି ବାଲିଆପାଳ ବ୍ଲକ ପ୍ରତାପପୁର ଗ୍ରାମ ପଞ୍ଚାୟତର ନଇଘାଟୀଠାରେ ଏକ ସବାଇ ଘାସରୁ ପ୍ରସ୍ତୁତ ହେଉଥିବା ଗୃହ ଉପଯୋଗୀ ଉପକରଣ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିରକୁ ସୁବର୍ଣ୍ଣରେଖା ବନ୍ଦରର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଉଦଘାଟିତ କରିବା ସହିତ ମହିଳାମାନେ କିଭଳି ଭାବରେ ସ୍ୱାବଲମ୍ବୀ ହୋଇ ପାରିବେ ସେ ବାବଦରେ ଆଲୋକପାତ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ବିଗତବର୍ଷ ଡଗରା,ଚଉମୁଖ ଓ ପ୍ରତାପପୁରର ମାଆ ମାନଙ୍କ ପାଇଁ ଚଳିତ ବର୍ଷ ମଧ୍ୟ ଆରମ୍ଭ କରାଗଲା । ଏଥିରେ ମୋଟ ୨୦୦ ମହିଳା ତାଲିମ ନେବା ସହିତ ସେମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ମୁଖ୍ୟତଃ ମହିଳା ମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଆର୍ଥିକ ସ୍ୱଦୃଢ ହେବା ପାଇଁ ନିଟ୍ ତରଫରୁ ତାଲିମ୍ ଦିଆଯିବାର ବନ୍ଦବୋସ୍ତ କରାଯିବ ବୋଲି କହିଥିଲେ । ଏଥିରେ ସି.ଏସ୍ .ଆର୍ .ବାଲେଶ୍ୱର ମୁଖ୍ୟ ପ୍ରମୋଦ କୁମାର ପାତ୍ର ମଧ୍ୟ ଉପସ୍ଥିତ ରହି ଆଗକୁ କିଭଳି ମହିଳା ମାନଙ୍କର ଅଧିକରୁ ଅଧିକ ଉନ୍ନତିର ବ୍ୟବସ୍ଥା କରାଯାଇ ପାରିବ ସେ ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ମହିଳାମାନେ ମଧ୍ୟ ବହୁତ ଉତ୍ସାହିତ ହେବା ସହ ଏହିଭଳି କାର୍ଯ୍ୟକ୍ରମ ଆଗକୁ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ଏମସିଏମ ପ୍ରମିଳା ଦାସଙ୍କ ଦ୍ୱାରା ୬ ମାସିକ ଟ୍ରେନିଂ ଦେବାର ବ୍ୟବସ୍ଥା କରାଯାଇଥିଲା ।

## ବର୍ଷକର ଶିଶୁପୁତ୍ର ନିଖୋଜ: ପୁଲିସ ଓ ଅଗ୍ନିଶମ ଦଳ ଖୋଜି ଖୋଜି ନୟାନ୍ତ

ବସ୍ତା,୧୪।୯(ନିପ୍ର): ଜଣେ ଦେଢ଼ ବର୍ଷର ପୁଅ ସକାଳଠାରୁ କୁଆଡ଼େ ନିଖୋଜ ହୋଇଯାଇଛି ଯେ ଖବର ଲେଖା ପର୍ଯ୍ୟନ୍ତ ତା'ର ପତ୍ତା ମିଳିନଥିବା ଜଣାଯାଇଛି। ଗ୍ରାମବାସୀ,ଅଗ୍ନିଶମ ଓ ପୁଲିସ କର୍ମଚାରୀ ଦଳ ଗଡ଼ିଆ , ପୋଖରୀ ସବୁଆଡେ ଖୋଜି ଖୋଜି ନୟାନ୍ତ ହୋଇଗଲେଣି। ଏଭଳି ଘଟଣା ହୋଇଛି ବସ୍ତା ବ୍ଲକର ପତ୍ରଝଡ। ପଞ୍ଚାୟତ ଅଧୀନ କୁଶଡ଼ିହା ଗ୍ରାମରେ।ଅରୁଣ ରାମ ଓ ଅଞ୍ଜଳି ରାମଙ୍କ ପୁତ୍ର ରୀତିକ ଆଜି ସକାଳେ ପଡୋଶୀ ପିଲାଙ୍କ ମେଳ ରେ ଖେଳୁଥିବା ବେଳେ୍।ପା ମା' ଦେଖିଥିଲେ। ତହିଁ ପରଠୁ ତାକୁ ନପାଇ ଖୋଜା ଖୋଜି କରି ଶେଷରେ ଗ୍ରାମବାସୀ, ପୁଲିସ, ଅଗ୍ନିଶମ ବିଭାଗର ସହାୟତା ନେଇଥିଲେ ହେଁ ତା'ର ପତ୍ତା ମିଳିନାହିଁ।ଏଥିପାଇଁ ରାମ ପରିବାର ଓ ଗ୍ରାମବାସୀ ଦୁଃଖ ଓ ବିବ୍ରତ ଅବସ୍ଥାରେ ରହିଛନ୍ତି।କେହି ପିଲାଟିକୁ ଚୋରି କରି ନେଇଥିବା କହୁଛନ୍ତି।

# ଟେଲିଫୋନ ଉପଭୋକ୍ତାଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ




ନୀଳଗିରି, ୧୪/୦୯ (ନି.ପ୍ର): ନୀଳଗିରି କଲେଜ କନଫରେନ୍ସ ହଲ ମଧ୍ୟରେ ଟ୍ରାଇ ସହଯୋଗରେ ଏକ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ସଚେତନତା କାର୍ଯ୍ୟକ୍ରମରେ ଟେଲିକମ ସେବାକାରୀ ସଂସ୍ଥା ଯଥା ଜିଓ, ଏୟାରଟେଲ, ବି.ଏସ.ଏନ.ଏଲ, ପ୍ରମୁଖ ସଂସ୍ଥାର ଆଞ୍ଚଳିକ ଅଧିକାରୀ ମାନେ ଉପସ୍ଥିତ ରହି ଉତ୍ତମ ଗୁଣାତ୍ମକ ମାନର ସେବା କିପରି ଟେଲିକମ ସେବା ପ୍ରଦାନ କାରୀ ସଂସ୍ଥା ଦେଇପାରିବ ସେ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସୁଧାଂଶୁ ମୋହନ ଦାସ ଅତିଥି ମାନଙ୍କୁ ସ୍ୱାଗତ କରିବାସହ ଟ୍ରାଇର ଉପଭୋକ୍ତା ସଚେତନତା ଉପରେ ଆଲୋକପାତ କରିଥିଲେ। ପରିବର୍ତ୍ତନ ସଂସ୍ଥାର ସମ୍ପାଦକ ଶୁଭ୍ରାଂଶୁ ଭୂଷଣ ସ୍ୱାଇଁ ପରିବର୍ତ୍ତନ ସଂସ୍ଥା ଓ ଟ୍ରାଇର ସଚେତନତା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନା କାର୍ଯ୍ୟକ୍ରମରେ ବହୁ ଉପଭୋକ୍ତା ନିଜ ନିଜର ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ନିଳଗିରି ରେ ଜିଓ, ଏୟାରଟେଲ ଇଣ୍ଟରନେଟ ଅତି ଦୁର୍ବଳ ଥିବାବେଳେ କଂପାନୀ କେବଳ ଗ୍ରାହକଙ୍କୁ ଶୋଷଣ କରୁଥିବା ନେଇ ଆଲୋଚନା ହୋଇଥିଲା। ନୀଳଗିରି ରେ ଉପଭୋକ୍ତାମାନେ ଭବିଷ୍ୟତରେ କୌଣସି ଟେଲିକମ ଅସୁବିଧାରେ ନ ପଡ଼ିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଭାରପ୍ରାପ୍ତ ଅଧକ୍ଷ ଶଂକର୍ଷଣ ନାୟକ, ବି.ଏସ.ନାଲର ଏସ.ଡି.ଓ ନିକୁଞ୍ଜ ବିହାରୀ ଧିର ଏୟାରଟେଲ ର ପ୍ରଶାନ୍ତ ବେହେରା ଏବଂ ଜିଓ ରିଲାଏନ୍ସ ର ବିଜୟ ପୁଥାଳ, ଇଂରାଜୀ ଲେକ୍ଚର ପ୍ରଦୀପ କୁମାର ଜେନା, ପରିବର୍ତ୍ତନ ବୋର୍ଡର ସଦସ୍ୟ ପ୍ରକାଶ ମର୍ଦ୍ଦରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଆସାମରୁ ୧୫ ନକଲି କାଜି ଗିରଫ

ହୈଲାକାନ୍ଦୀ , ୧୪/୦୯ (ନି.ପ୍ର): ଆସାମର ହୈଲାକାନ୍ଦୀରୁ ୧୫ଜଣ ନକଲି କାଜିଙ୍କୁ ଗିରଫ କରାଯାଇଛି । ଜିଲ୍ଲାରେ ନକଲି କାଜି ସକ୍ରିୟ ଥିବା କବର ମିଳିବା ପରେ ବୁଧବାର ରାତିରେ ଏଏସପିଙ୍କ ନେତୃତ୍ୱରେ ଅଭିଯାନ ଆରମ୍ଭ ହୋଇଥିଲା । ଏହାପରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୧୫ଜଣ ନକଲି କାଜିଙ୍କୁ ଗିରଫ କରାଯାଇଛି । ଜିଲ୍ଲାର ଲାଲା ଥାନା ଅଞ୍ଚଳରୁ ଅଜିର ଉଦ୍ଦିନ ଲସ୍କର, ସରିଫଉଦ୍ଦିନ ବରଭୁଇୟାଙ୍କୁ ଗିରଫ କରାଯାଇଛି । ସେହିପରି ହେଲାକାନ୍ଦୀ ଥାନା ଅଞ୍ଚଳରୁ ନରୁଲ ହକ ଲସ୍କର, ଅବଦୁସ ଅସଲମ ମଜୁମଦାର, ରାମନାଥପୁର ଥାନା ଅଞ୍ଚଳରୁ ଅବଦୁଲା ଚୌଧରୀ, ଅବୁ ବଖର ବରଭୁଇୟା, ଅଲଗାପୁର ଥାନା ଅଞ୍ଚଳରୁ ଆଫତାବ ଉଦ୍ଦିନ ଲସ୍କର, ମୋଇନ ଉଦ୍ଦିନ ଚୌଧରୀ, କାଟଲିଚେରା ଥାନା ଅଞ୍ଚଳରୁ ମୁଜାଫିର ହୁସେନ ମଜୁମଦାର, ପଞ୍ଚଗ୍ରାମ ଥାନା ଅଞ୍ଚଳରୁ ସାହିଦୁଲ ହକ ତଥା ବିଲାଇପୁର ଥାନା ଅଞ୍ଚଳରୁ ଫୈଜ ଉଦ୍ଦିନ ଲସ୍କରଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଙ୍କ ଠାରୁ ବିଭିନ୍ନ ଦସ୍ତାବିଜ ମଧ୍ୟ ଜବତ ହୋଇଛି ।

# ହିନ୍ଦୀ ସହିତ ସମସ୍ତ ଭାଷାକୁ ସଶକ୍ତ କରିବାକୁ ଆହ୍ୱାନ ଦେଲେ ଶାହ

ନୂଆଦିଲ୍ଲୀ, ୧୪/୦୯ (ନି.ପ୍ର): ଜାତୀୟ ହିନ୍ଦୀ ଦିବସ ଅବସରରେ ସମଗ୍ର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ । ସୋସିଆଲ ମିଡିଆ ଏକ୍ସରେ ସେ ଏକ ଭିଡିଓ ବାର୍ତ୍ତା ଦେଇଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦୁନିଆର ସବୁଠୁ ବଡ ଗଣତନ୍ତ୍ର ଭାରତର ଭାଷାର ବିବିଧତାକୁ ଏକତା ସୂତ୍ରରେ ବାନ୍ଧିବାର ନାମ ହେଉଛି ହିନ୍ଦୀ । ସ୍ୱାଧୀନତା ଆନ୍ଦୋଳନ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବାରେ ହିନ୍ଦୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶାହ କହିଛନ୍ତି । ତେବେ ଆସନ୍ତୁ ହିନ୍ଦୀ ଦିବସ ଅବସରରେ ରାଷ୍ଟ୍ରୀୟ ଭାଷା ହିନ୍ଦୀ ସହିତ ସମସ୍ତ ଭାରତୀୟ ଭାଷାକୁ ସଶକ୍ତ କରିବାକୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ।

# ମହିଳାମାନଙ୍କୁ ସ୍ୱାବଲମ୍ବି ନିମନ୍ତେ ସୁବର୍ଣ୍ଣରେଖା ପୋର୍ଟ ତରଫରୁ ସବାଇ ଘାସ ପ୍ରଶିକ୍ଷଣ ତାଲିମକେନ୍ଦ୍ର ଉଦ୍‌ଘାଟିତ



ଲଙ୍ଗଳେଶ୍ୱର,୧୪/୯ (ନିପ୍ର)ଆଜି ବାଲିଆପାଳ ବ୍ଲକ ପ୍ରତାପପୁର ଗ୍ରାମ ପଞ୍ଚାୟତର ନଇଘାଟୀଠାରେ ଏକ ସବାଇ ଘାସରୁ ପ୍ରସ୍ତୁତ ହେଉଥିବା ଗୃହ ଉପଯୋଗୀ ଉପକରଣ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଏହି ଶିବିରକୁ ସୁବର୍ଣ୍ଣରେଖା ବନ୍ଦରର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଉଦଘାଟିତ କରିବା ସହିତ ମହିଳାମାନେ କିଭଳି ଭାବରେ ସ୍ୱାବଲମ୍ବୀ ହୋଇ ପାରିବେ ସେ ବାବଦରେ ଆଲୋକପାତ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମ ବିଗତବର୍ଷ ଡଗରା,ଚଉମୁଖ ଓ ପ୍ରତାପପୁରର ମାଆ ମାନଙ୍କ ପାଇଁ ଚଳିତ ବର୍ଷ ମଧ୍ୟ ଆରମ୍ଭ କରାଗଲା । ଏଥିରେ ମୋଟ ୨୦୦ ମହିଳା ତାଲିମ ନେବା ସହିତ ସେମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ମୁଖ୍ୟତଃ ମହିଳା ମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଆର୍ଥିକ ସ୍ୱଦୃଢ ହେବା ପାଇଁ ନିଟ୍ ତରଫରୁ ତାଲିମ୍ ଦିଆଯିବାର ବନ୍ଦବୋସ୍ତ କରାଯିବ ବୋଲି କହିଥିଲେ । ଏଥିରେ ସି.ଏସ୍ .ଆର୍ .ବାଲେଶ୍ୱର ମୁଖ୍ୟ ପ୍ରମୋଦ କୁମାର ପାତ୍ର ମଧ୍ୟ ଉପସ୍ଥିତ ରହି ଆଗକୁ କିଭଳି ମହିଳା ମାନଙ୍କର ଅଧିକରୁ ଅଧିକ ଉନ୍ନତିର ବ୍ୟବସ୍ଥା କରାଯାଇ ପାରିବ ସେ ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ମହିଳାମାନେ ମଧ୍ୟ ବହୁତ ଉତ୍ସାହିତ ହେବା ସହ ଏହିଭଳି କାର୍ଯ୍ୟକ୍ରମ ଆଗକୁ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏବଂ ଏମସିଏମ ପ୍ରମିଳା ଦାସଙ୍କ ଦ୍ୱାରା ୬ ମାସିକ ଟ୍ରେନିଂ ଦେବାର ବ୍ୟବସ୍ଥା କରାଯାଇଥିଲା ।

## ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ବଢ଼ିଲା

ନୂଆଦିଲ୍ଲୀ, ୧୪/୦୯ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ବୃଦ୍ଧି ପାଇବାରେ ଲାଗିଛି । ବ୍ରେଣ୍ଟ କ୍ରୁଡର ମୂଲ୍ୟ ବ୍ୟାରେଲ ପିଛା ୯୩ଡଲାର ଥିବା ବେଳେ ଡବ୍ଲ୍ୟୁଟିଆଇ କ୍ରୁଡର ମୂଲ୍ୟ ବ୍ୟାରେଲ ପିଛା ୮୯ ଡଲାର ରହିଛି । ତେବେ ଦେଶରେ ତୈଳ ଓ ଗ୍ୟାସ ବିତରଣ କମ୍ପାନୀ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାନ୍ତି । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ଗୁରୁବାର ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୯୬.୭୨ ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ଲିଟର ପିଛା ୮୯.୬୨ଟଙ୍କା ରହିଛି । ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୬.୩୧ ଟଙ୍କା ରହିଥିବା ବେଳେ ଡିଜେଲ ଲିଟର ପିଛେ ୯୪.୨୭ ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ଲିଟର ପିଛା ୧୦୬.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଲିଟର ପିଛା ୯୨.୭୬ ଟଙ୍କା ରହିଛି ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ବିଧାୟକ



ଖଇରା, ୧୪/୦୯ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗୁରୁବାର ବାଲେଶ୍ୱର ଜିଲାର ଖଇରା ବ୍ଲକ ଗସ୍ତ କରିବା ଅବସରରେ ୧୦ଟି ଅଙ୍ଗନୱାଡି କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିବା ବେଳେ ୫-ଟି ରେ ଅନୁଦାନ ମିଳିଥିବା ୮ଟି କୋଠଘରର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମେ ବିଧାୟକ ରପେୟା ପଞ୍ଚାୟତ ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ କରିବା ସହ ମିଶନ ଶକ୍ତି ମା ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦିତ ଦ୍ରବ୍ୟ କିଣିଥିଲେ। ପରେ ଚାମ୍ପୁଲିପଦା କୋଠ ଘର ର ଶିଳନ୍ୟାସ କରିଥିଲେ । ପରେ ବରଦା, ବର୍ତ୍ତନା, ବଡନୁଆଗାଁ, ରଟିଣା,ଗଡପୋଖରୀ, ଅମରିଆ-ଅଗ୍ନିପୁର, ନହଙ୍ଗ, ନୟାଖଣ୍ଡି, ଗଗନଧୁଳି, ଡଗରପଡା ଇତ୍ୟାଦି ପଞ୍ଚାୟତରେ ନବ ନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଗୁଡିକର ଉଦ୍‌ଘାଟନ କରିଥିବା ବେଳେ କୋଠଘର ଗୁଡିକ ପାଇଁ ଶିଳନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକପ୍ରତିନିଧି, ସ୍ୱୟଂସହାୟିକା ଗୋଷ୍ଠୀର କର୍ମକର୍ତ୍ତା ପ୍ରମୁଖ ସାମିଲ ହୋଇଥିଲେ ।

# ଆନ୍ଦୋଳନକାରୀ ଶିକ୍ଷକଙ୍କ ଦୈନିକ ଉପସ୍ଥାନ ନେବାକୁ ବିଇଓମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪/୦୯ (ନି.ପ୍ର): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ରୋକିବାକୁ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଗୁରୁବାର ଏନେଇ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ଚିଠି ଲେଖିଛନ୍ତି। ଶିକ୍ଷକମାନଙ୍କର ଆନ୍ଦୋଳନ କାରଣରୁ ଅନେକଗୁଡ଼ିଏ ସ୍କୁଲରେ ପାଠପଢ଼ା ଆଂଶିକ ଭାବେ ପ୍ରଭାବିତ ହୋଇଛି। ସେହିପରି ଆଉ କିଛି ସ୍କୁଲ ସଂପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଆନ୍ଦୋଳନରେ ଯେଉଁମାନେ ନିୟୋଜିତ ଅଛନ୍ତି ଏବଂ ବିଦ୍ୟାଳୟରେ ଅନୁପସ୍ଥିତ ଅଛନ୍ତି, ସେମାନଙ୍କର ଏକ ଦୈନିକ ଉପସ୍ଥାନ ପ୍ରସ୍ତୁତ କରିବାକୁ ଏହି ଚିଠିରେ ଉଲ୍ଲେଖ ରହିଛି। ଉପସ୍ଥିତ ଓ ଅନୁପସ୍ଥିତ ଶିକ୍ଷକଙ୍କ ସଂପର୍କରେ ଜଣାଇବାକୁ ନିର୍ଦ୍ଦେଶ ହୋଇଛି। ଏଥି ସହିତ ଚୁକ୍ତିଭିତିକ ଶିକ୍ଷକଙ୍କ ସଂପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟ ତମାମ ବିଇଓ କାର୍ଯ୍ୟାଳୟରେ ଧାରଣା

ଭଦ୍ରକ , ୧୪/୦୯ (ନି.ପ୍ର): ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନେ ଛଅଦିନ ହେବ ତିନିଦଫା ଦାବୀନେଇ ଧାରଣାରେ ବସିରହିଛନ୍ତି। ଫଳରେ ବିଦ୍ୟାଳୟ ମାନଙ୍କର ପ୍ରାୟ ଊଣେଶ ଲକ୍ଷ ଛାତ୍ର/ଛତ୍ରୀ ଶଅରୁ ଚଉଦ ବର୍ଷର କୋମଳମତି ଶିଶୁମାନଙ୍କର ପାଠପଢ଼ା ବନ୍ଦ ହୋଇଛି। ରାଜ୍ୟ ସରକାରଙ୍କ ଖାମଖିଆଲ ନୀତି ପାଇଁ ଆଜି ଶିକ୍ଷକ ମାନଙ୍କର ଦୀର୍ଘଦିନର ଦାବୀପୂରଣ ହୋଇପାରୁନାହିଁ। ଗତବର୍ଷ ରାଜଧାନୀରେ ଏହି ଶିକ୍ଷକମାନେ ବିଧାନସଭା ଘେରାଉ ସମୟରେ ଲକ୍ଷାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସେତେବେଳେ ରାଜଧାନୀରେ ସମସ୍ତ ରାସ୍ତା ପୁରାପୁରି ଜାମହୋଇଯାଇଥିଲା। ସରକାର ଖୁବଶୀଘ୍ର ସମାଧାନ ହେବ ବୋଲି ପ୍ରତିଶୃତି ଦେବାପରେ ଶିକ୍ଷକମାନେ ରାଜଧାନୀ ଛାଡ଼ିଥିଲେ। ଦୀର୍ଘଦିନ ପରେ ଶିକ୍ଷକମାନଙ୍କର ସମସ୍ୟା ସମାଧାନ ନ ହେବାରୁ ଗତ ଆଠ ତାରିଖରୁ ରାଜ୍ୟର ସମସ୍ତ ବର୍ଗର ଶିକ୍ଷକମାନେ ଏକଜୁଟ ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। ମିଳିତ ପ୍ରାଥମିକ ଶିକ୍ଷକ ସଂଘ, ଭଦ୍ରକ ବ୍ଲକ ଏହାକୁ ସମର୍ଥନ କରି ଧାରଣାରେ ବସିଛନ୍ତି। ସରକାର ତୁରନ୍ତ ସମସ୍ତ ବର୍ଗର ଶିକ୍ଷକେ ମାନଙ୍କର ସମସ୍ୟା ତୁରନ୍ତ ସମାଧାନ ନ କଲେ ପରିସ୍ଥିତି ଭୟଙ୍କର ହେବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo